୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତ କରିଛନ୍ତି। ସେ ବେଲଗୁଣ୍ଠା, ଧରାକୋଟ, କୁକୁଡ଼ାଖଣ୍ଡି ଓ ପାତ୍ରପୁରରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ପାଣ୍ଡିଆନ ପ୍ରଥମେ ସୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଲଗୁଣ୍ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ, ପୂର୍ବରୁ ସୋରଡ଼ା ଗସ୍ତରେ ଆସିଥିବା ବେଳେ ମିଳିଥିବା ସମସ୍ତ ଅଭିଯୋଗର ସମାଧାନ ହୋଇଛି। ଏବେ ଏଠାରେ ମିଳିଥିବା ୩୨୦ ଅଭିଯୋଗର ସମାଧାନ ୫ ଦିନ ମଧ୍ୟରେ କରିବାକୁ ପଦକ୍ଷେପ ନିଆଯିବ। ନିର୍ବାଚନ ଲାଗି କିଛିଦିନ ମଧ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହେବ। ତେଣୁ ବର୍ତ୍ତମାନ ରାଶନ କାର୍ଡ଼ ପ୍ରଦାନ ସମ୍ଭବ ନୁହେଁ। ନିର୍ବାଚନ ସରିଲେ ସମସ୍ତ ଆବେଦନକାରୀଙ୍କୁ ରାଶନ କାର୍ଡ଼ ପ୍ରଦାନ କରାଯିବ। ପୁନରୁଦ୍ଧାର ପାଇଁ ଆବେଦନ ହୋଇଥିବା ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନଗୁଡ଼ିକୁ ଏକ ସପ୍ତାହ ମଧ୍ୟରେ ଅନୁଦାନ ମିଳିବ। ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିଜ ପରିବାର ବୋଲି ଭାବୁଛନ୍ତି। ତେଣୁ ସେ ସବୁ ବର୍ଗର ଲୋକମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେଉଁମାନେ ଭତ୍ତା ପାଇଁ ଆବେଦନ କରିଛନ୍ତି, ସେମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମମତା ଯୋଜନା ଆର୍ଥିକ ରାଶି ବୃଦ୍ଧି, ଲକ୍ଷ୍ମୀ ବସ୍ ଯୋଜନା, କଳାକାର ଭତ୍ତାବୃଦ୍ଧି, ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି, ବିନା ସୁଧରେ ଚାଷୀ ଓ ଯୁବକଙ୍କୁ ୧ ଲକ୍ଷ ଟଙ୍କା ଋଣ ଯୋଜନା ସମ୍ପର୍କରେ ସେ ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଭାବେ ବେଲଗୁଣ୍ଠାର ପିତ୍ତଳ ମାଛକୁ ଗୁରୁତ୍ୱ ଦେଇ କାରିଗରମାନଙ୍କ ଉନ୍ନତି ପାଇଁ ଚେଷ୍ଟା କରାଯିବ ବୋଲି ପାଣ୍ଡିଆନ କହିଥିଲେ।

ଧରାକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କହିଥିଲେ, ଆସନ୍ତା ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଖୁସି ଖବର ଦେବେ। ପୂର୍ବ ସମାବେଶରେ ପାଇଥିବା ୬୫୦ ଆବେଦନ ମଧ୍ୟରୁ ୬୦୦ଟି ପୂରଣ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୪୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏବେ ଯେଉଁସବୁ ଆବେଦନ କରିଛନ୍ତି, ସେ ସବୁକୁ ବିଚାରକୁ ନିଆଯିବ। ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ସିଆରପି, ଏମ୍‌ବିକେ, କୃଷକ ସାଥୀ ଓ ବ୍ୟାଙ୍କ ମିତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଖୁସି ଖବର ଦେବେ ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ। ମୁଖ୍ୟମନ୍ତ୍ରୀ ନିକଟରେ ଓଡ଼ିଶାକୁ ଏକ ସୂତ୍ରରେ ଯୋଡିବା ପାଇଁ ଲକ୍ଷ୍ମୀ ବସ ସେବା ଆରମ୍ଭ କରିଛନ୍ତି। ଆପଣମାନେ ତାଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ପରେ ପାଣ୍ଡିଆନ କୁକୁଡାଖଣ୍ଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇବା ସହ ସ୍ଥାନୀୟ ଅଞ୍ଚଳର ମଠ, ମନ୍ଦିର ସମେତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଦରଖାସ୍ତ ଗ୍ରହଣ କରିଥିଲେ। ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ମହନ୍ତ ଶ୍ରୀପରାଙ୍କୁଶ ବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ପାଣ୍ଡିଆନ ଶାନ୍ତିଶୃଙ୍ଖଳା ଦେଖି ଜନସାଧାରଣଙ୍କୁ ପ୍ରଶଂସା କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଲୋକଙ୍କଠାରୁ ସେ ଦାବିପତ୍ର ଗ୍ରହଣ କରିଥିଲେ। ସଭାସ୍ଥଳଟି 'ଜୟ ଜଗନ୍ନାଥ' ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମଗୁଡିକରେ ଗଞ୍ଜାମ ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ୍, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ମନ୍ତ୍ରୀ ଉଷାଦେବୀ, ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲା ବିଜେଡି ସଭାପତି ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ଅନୀଲ କୁମାର ସେଠୀ ପ୍ରମୁଖ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

ଧରାକୋଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

'ଗୁଳିମାରିଲେ ବି ଲୋକଙ୍କ ପାଖକୁ ଯିବି'

ବିକାଶ ବିରୋଧୀଙ୍କୁ ପାଣ୍ଡିଆନଙ୍କ କଡ଼ା ଜବାବ

ଭୁବନେଶ୍ୱର,୨୨।୨(ଅନିଲ ଦାସ)

ମତେ ଅଣ୍ଡା, ଚପଲ, କାଳି, ଟମାଟୋ ମାଡ଼ କର କି ଗୁଳିମାଡ଼ କର, କିଛି ଫରକ ପଡ଼ିବନି। ମୁଁ ଲୋକଙ୍କ ପାଖକୁ ଆସିବି ଓ ଲୋକଙ୍କ କାମ କରିବି। ଖରାରେ ୧୦ ହଜାର ଲୋକ ଅପେକ୍ଷା କରିଛନ୍ତି। ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ସହ ହାତ ମିଶାଇଲେ ଖୁସି ଲାଗୁଛି। ସେଥିପାଇଁ କିଏ ଟମାଟୋ ଫିଙ୍ଗିବ ବୋଲି ସେଥିରେ ମୋର ଅଟକିଯିବାର ନାହିଁ। ବହୁତ ଲୋକ ଆସିବେ, ମଞ୍ଚ ଉପରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଚାଲିଯିବେ। କେହି କିଛି କାମ କରିବେ ନାହିଁ। ମୁଁ କିନ୍ତୁ ସେମିତି ଲୋକ ନୁହଁ। ମୁଁ ଲୋକଙ୍କ କାମ କରିବା ପାଇଁ ଆସିଛି ଓ ଆସୁଥିବି। ଗଞ୍ଜାମ ଜିଲା ବେଲଗୁଣ୍ଠାଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀମାନଙ୍କୁ ଏଭଳି ଟାର୍ଗେଟ କରିଛନ୍ତି। ଗୁରୁବାର ପାଣ୍ଡିଆନ ଗଞ୍ଜାମ ଜିଲା ଗସ୍ତରେ ଯାଇଥିବାବେଳେ ତାଙ୍କର ପ୍ରଥମ ସଭା ବେଲଗୁଣ୍ଠାଠାରେ ଥିଲା। ପାଣ୍ଡିଆନ ସଭାସ୍ଥଳକୁ ପ୍ରବେଶ କରୁଥିବା ବେଳେ ଜଣେ ଦୁର୍ବୃତ୍ତ ଅଚାନକ ଧସେଇଆସି ଏକ ଟମାଟୋ ତାଙ୍କ ଉପରକୁ ଫୋପାଡ଼ିଥିଲେ। ଦୁର୍ବୃତ୍ତଙ୍କୁ ତୁରନ୍ତ ସଭାରେ ଥିବା ଲୋକେ ଓ ପୋଲିସ କାବୁ କରିନେଇଥିଲେ। ଟମାଟୋ ଫୋପାଡ଼ିବାବେଳେ ସମ୍ପୃକ୍ତ ଯୁବକ ହାତରେ କଂଗ୍ରେସର ଏକ ଛୋଟିଆ ପତାକା ଧରିଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ଦୁର୍ବୃତ୍ତଙ୍କ ଟମାଟୋମାଡ଼ ସତ୍ତ୍ୱେ ପାଣ୍ଡିଆନ ସାମାନ୍ୟ ବିଚଳିତ ମଧ୍ୟ ହୋଇ ନ ଥିଲେ। ଚିରାଚରିତ ଭାବେ ସେ ହସହସ ମୁହଁରେ ଲୋକଙ୍କୁ ହାତ ମିଶାଇଥିଲେ ଓ ସେମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ମଞ୍ଚ ଉପରକୁ ଆସି ଜୟ ଜଗନ୍ନାଥ ଓ ଜୟ ମା' ତାରାତାରିଣୀ କହି ବେଲଗୁଣ୍ଠା ଏବଂ ସୋରଡ଼ା ଅଞ୍ଚଳର ବିକାଶ ସମ୍ପର୍କିତ ଚିଠା ଉପସ୍ଥାପନ କରିଥିଲେ। ପାଣ୍ଡିଆନଙ୍କ ସଭାରେ ଅଭୂତପୂର୍ବ ଜନସମାବେଶ ହୋଇଥିଲା। ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ଓ ବିକାଶର ଲମ୍ୱଚିଠା ବିରୋଧୀଙ୍କୁ ଅସହିଷ୍ଣୁ କରିଦେଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ନାଁରେ ବଳାତ୍କାର ଉଦ୍ୟମ ଅଭିଯୋଗ

ସୁନ୍ଦରଗଡ଼,୨୨।୨
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଉମେଶ ନାଏକ ଜଣେ ମହିଳା ରୋଷେୟାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଲେଫ୍ରିପଡା ଥାନାରେ ବୁଧବାର ରାତିରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଏତଲା ଗ୍ରହଣ କରି ପୋଲିସ ମାମଲା ରୁଜୁ କରିଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ସହକାରୀ ନିର୍ବାହୀଯନ୍ତ୍ରୀ ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଅନ୍ୟ ୨ଟି ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ସଦର ଏସ୍‌ଡିପିଓ ହିମାଂଶୁ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ବିଜେଡି ଏବଂ ଭାଜପା ସମର୍ଥିତ ଠିକାଦାର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନାଏକ ତାଙ୍କ ସରକାରୀ ବାସଭବନକୁ ରୋଷେଇ କରିବାକୁ ଡାକି ବଳାତ୍କାର ଉଦ୍ୟମ କରିଥିଲେ।

ଗ୍ରେସ୍ ମାର୍କ ଦାବି କଲେ ପରୀକ୍ଷାର୍ଥୀ

ସିଲାବସ୍ ବାହାରୁ ପଦାର୍ଥ ବିଜ୍ଞାନ ପ୍ରଶ୍ନ

ଖଇରା, ୨୨।୨(ଉତ୍କଳବନ୍ଧୁ ପଣ୍ଡା)

ଗୁରୁବାର ଯୁକ୍ତ ୨ ପଦାର୍ଥ ବିଜ୍ଞାନ ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିବା ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଭୟ ଲଙ୍ଗ୍ ଏବଂ ସର୍ଟ ପ୍ରଶ୍ନରେ ମୋଟ ୧୬ ମାର୍କ ଶିକ୍ଷା ଖସଡା ବାହାରୁ ଆସିଥିବା ନେଇ ବାଲେଶ୍ୱର ଜିଲା ଖଇରା, କୁପାରୀ ତଥା ଅନ୍ୟାନ୍ୟ ମହାବିଦ୍ୟାଳୟର ପିଲାମାନେ ଅଭିଯୋଗ କରିବା ସହ ପରୀକ୍ଷା ନିୟନ୍ତ୍ରକ ତଥା ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଶ୍ନପତ୍ର ତିଆରି ଦାୟିତ୍ୱରେ ଥିବା ଟିମ୍ ନୂତନ ଭାବେ ଉଦ୍ଦିଷ୍ଟ ପାଠ୍ୟ ସୂଚୀ ପ୍ରତି ଅବଗତ ନ ରହିବା ଦୁଃଖର ବିଷୟ ବୋଲି ଖଇରା ମହାବିଦ୍ୟାଳୟରେ ପରୀକ୍ଷା ପରେ ନିରାଶାରେ ଘରକୁ ଫେରୁଥିବା ୧୮୩ ଜଣ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି । ଏଥିସହ ସମସ୍ତଙ୍କ ପାଇଁ ଗ୍ରେସମାର୍କର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି ।

ଭୁବନେଶ୍ୱରଠାରେ ବିଶ୍ୱର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ ସଂସ୍ଥା 'ଆକ୍ସେଞ୍ଚର'ର ଅତ୍ୟାଧୁନିକ ବୈଷୟିକ ଗବେଷଣା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ।

ମୟୂରଭଞ୍ଜରୁ ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଡିଲରଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍

ଭୁବନେଶ୍ୱର,୨୨।୨(ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ଟାଟୋ ଅଞ୍ଚଳରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ଡିଲର୍‌ଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୦୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କରଞ୍ଜିଆ ଏନ୍‌ଏସି ୮ ନଂ. ୱାର୍ଡ ଗୁଡିସାହିରେ ରହୁଥିବା କ୍ଷୀରସିନ୍ଧୁ ସାମଲ (୪୯)। ଏ ସଂକ୍ରାନ୍ତରେ ଗୁରୁବାର ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୯/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତ କ୍ଷୀରସିନ୍ଧୁଙ୍କୁ କରଞ୍ଜିଆ ଅତିରିକ୍ତ ଜିଲା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଏସ୍‌ଟିଏଫ୍‌କୁ ଜିଲା ପୋଲିସ ସହାୟତା କରିଥିଲା। ତେବେ ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ କ୍ଷୀରସିନ୍ଧୁ ବ୍ରାଉନସୁଗାର କେଉଁଠୁ ଏବଂ କାହା ନିକଟରୁ ଆଣି କେଉଁମାନଙ୍କୁ ଯୋଗାଉ ଥିଲେ ଓ ରାଜ୍ୟର କେଉଁସବୁ ଜିଲାରେ ତାଙ୍କ ର୍ୟାକେଟ ସକ୍ରିୟ ରହିଛି, ତାହା ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି। ଆବଶ୍ୟକ ପଡ଼ିଲେ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିପାରେ ବୋଲି ସୂଚନା ମିଳିଛି। ପୂର୍ବରୁ ମଧ୍ୟ ବ୍ରାଉନସୁଗାର ଚୋରା ଚାଲାଣ ଅଭିଯୋଗରେ ୨୦୨୨ରେ ଅବକାରୀ ଜାଲରେ ପଡି କ୍ଷୀରସିନ୍ଧୁ ଗିରଫ ହୋଇଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ରୁ ନିଶା କାରବାର ଉପରେ ଜାରି ରହିଥିବା ସ୍ୱତନ୍ତ୍ର ଡ୍ରାଇଭ୍‌ରେ ଏସ୍‌ଟିଏଫ୍ ଏଯାଏ ୭୫ କେଜି ବ୍ରାଉନସୁଗାର, ୨୦୨ କୋକେନ୍, ୧୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୩ କେଜି ୬୩୦ ଗ୍ରାମ ଅଫିମ ଜବତ କରିଥିବା ବେଳେ ୧୮୭ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଗତବର୍ଷ ବିଭିନ୍ନ ମାମଲାରେ ଜବତ ୩୯ କେଜି ବ୍ରାଉନସୁଗାରକୁ ପୋଡ଼ି ନଷ୍ଟ କରିଛି ଏସ୍‌ଟିଏଫ୍।

ପୋଲିସ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି,୨୨।୨(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଦାନ୍ତେୱାଡା ସୀମାବର୍ତ୍ତୀ ଅଞ୍ଚଳ ବୈଲାଡିଲା ପାହାଡ଼ ପଛ ନିମ୍ନଭୂମି ପିଡିଆ ହିତୱାରି ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁରୁବାର ଗୁଳି ବିନିମୟ ହୋଇଛି। ପ୍ରଥମ ଥର ପାଇଁ ଯବାନମାନେ ମାଓବାଦୀଙ୍କ ଗଡରେ ପ୍ରବେଶକରି ବଡ଼ ଅପରେଶନକୁ ସଫଳ କରିଛନ୍ତି। ଏହି ଗୁଳି ବିନିମୟରେ ବହୁ ମାଓବାଦୀ ଆହତ ହୋଇଥିବା ଜଣାପଡିଛି। କିନ୍ତୁ ଖବର ଲେଖାହେବା ସୁଦ୍ଧା ତାହା ସ୍ପଷ୍ଟ ହୋଇ ନାହିଁ। ଏଭଳି ହୋଇଥିବା ଦାନ୍ତେୱାଡା ଏଏସ୍‌ପି ରାମ କୁମାର ବର୍ମନ ସ୍ୱୀକାର କରିଛନ୍ତି। ବସ୍ତର ଫାଇଟର୍ସ, ଡିଆର୍‌ଜି, ସିଆର୍‌ପିଏଫ୍, ଦାନ୍ତେୱାଡା ଏବଂ ବିଜାପୁର ଜିଲାର ଯବାନଙ୍କ ମିଳିତ ଟିମ୍ ଦାନ୍ତେୱାଡା ଏବଂ ବିଜାପୁର ସୀମାନ୍ତ ଜଙ୍ଗଲକୁ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ଯବାନମାନେ ଜଙ୍ଗଲକୁ ପ୍ରବେଶ କରିବା ମାତ୍ରେ ଗଙ୍ଗାଲୁର ଅନ୍ତର୍ଗତ ପିଡିଆ ଅଞ୍ଚଳରେ ଲୁଚି ରହିଥିବା ମାଓବାଦୀମାନେ ଆକ୍ରମଣ କରିଥିଲେ। ମାଓବାଦୀଙ୍କ ଅଚାନକ ଆକ୍ରମଣ ପରେ ଯବାନମାନେ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲେ।

୨୫ରେ ୫-ଟି ଅଧ୍ୟକ୍ଷଙ୍କ ଛେଣ୍ଡିପଦା ଗସ୍ତ

ଛେଣ୍ଡିପଦା,୨୨।୨(ଅଜିତ ଧଳ)

ଆସନ୍ତା ୨୫ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଛେଣ୍ଡିପଦା ବ୍ଲକ ଗସ୍ତ କରି ବରସାହି ପଞ୍ଚାୟତ ଖେଳ ପଡିଆଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେବେ। ଗୁରୁବାର ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ପୋଲିସ ପ୍ରଶାସନ ଉକ୍ତ ପଡିଆକୁ ଯାଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ନଗେନ ପ୍ରଧାନ, ସରପଞ୍ଚ ଜନ୍ମେଜୟ ମାଝି, ଅମରେଶ ନାଥ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, ବିଜୟ ଗଡ଼ନାୟକ, ତ୍ରିନାଥ ବେହେରା, ସତ୍ୟବ୍ରତ ଦେହୁରୀ, ସୌରଭ ରଞ୍ଜନ ବେହେରା, ଜୟନ୍ତ ସାହୁ, ବାସୁଦେବ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

ମାତୃଭାଷାକୁ ସମସ୍ତେ ସମ୍ମାନ ଦେବା ଉଚିତ

ଆଠମଲ୍ଲିକ,୨୨।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାହିତ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ମାତୃଭାଷା ପ୍ରମୁଖ ରବୀନ୍ଦ୍ର କୁମାର ଥାଟି ଯୋଗଦେଇ ମାତୃଭାଷା ଦିବସ ପାଳନର ଯଥାର୍ଥତା ପ୍ରତିପାଦନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଦିଲୀପ କୁମାର ମିଶ୍ର ମାତୃଭାଷାକୁ ସମସ୍ତେ ସମ୍ମାନ ଦେବା ଉଚିତ୍ ବୋଲି ବକ୍ତବ୍ୟ ରଖିଥିଲେ। ମାତୃଭାଷା ପ୍ରମୁଖ ଆଚାର୍ଯ୍ୟା ରଶ୍ମିତା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନ୍ତାକ୍ଷରୀ, ବକ୍ତୃତା, ପ୍ରବନ୍ଧ ଲିଖନ, ଏକକ ଅଭିନୟ, ନୃତ୍ୟ, ଆଶୁଭାଷଣ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରା ଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା, ସ୍କୁଲ ପରିଚାଳନା କମିଟି ଉପସଭାପତି କଶ୍ୟପ କ୍ଷେତି, ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳି, ଆଚାର୍ଯ୍ୟ ସୁକୁମାର ମହାନ୍ତି ଏବଂ ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ଖଡ଼ଗପୁର ଡିଭିଜନରେ କ୍ଲୋକ୍ ରୁମ୍, ପେ' ଆଣ୍ଡ ୟୁଜ୍ ଶୌଚାଳୟ, ଦୁଇ ଚକିଆ ଏବଂ ଅନ୍ୟାନ୍ୟ ପାର୍ସଲ ପ୍ୟାକିଂ ସେବା ଓ ପାର୍କିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: (i) ପିଏନ୍‌ୟୁ-କେଜିପି-ଏସ୍‌ଏଚ୍‌ଏମ୍-ଡବ୍ଲ୍ୟୁଆର୍‌ଏଲ୍, (ii) ପିଏନ୍‌ୟୁଟିଓଆଇ-କେଜିପି-୨୪-୨, (iii) ଏମ୍‌ଏସ୍‌ଏସ୍-କେଜିପି-ଟିଡବ୍ଲ୍ୟୁପିପି, (iv) ପାର୍କ-କେଜିପି-୨୪-୦୩, ତାରିଖ: ୨୧।୦୨।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ: (୧) ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ଶାଲିମାର ରେଳ ଷ୍ଟେଶନଠାରେ ୦୧ ଗୋଟି କ୍ଲୋକ୍ ରୁମ୍। (୨) ୦୩ (ତିନି) ବର୍ଷ ଅବଧି ପାଇଁ ଖଡ଼ଗପୁର ରେଳ ଷ୍ଟେଶନସ୍ଥିତ ପ୍ଲାଟଫର୍ମ ନଂ. ୧ ଓ ୨୦ଠାରେ ୦୧ ଗୋଟି ପେ' ଆଣ୍ଡ ୟୁଜ୍ ଶୌଚାଳୟ ଏବଂ ଖଡ଼ଗପୁର ରେଳ ଷ୍ଟେଶନସ୍ଥିତ ଉତ୍ତର ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ୦୧ ଗୋଟି ପେ' ଆଣ୍ଡ ୟୁଜ୍ ଶୌଚାଳୟ ଏବଂ ଖଡ଼ଗପୁର ରେଳ ଷ୍ଟେଶନସ୍ଥିତ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍ ନିକଟରେ ୦୧ ଗୋଟି ପେ' ଆଣ୍ଡ ୟୁଜ୍ ଶୌଚାଳୟ। (୩) ୦୩ (ତିନି) ବର୍ଷ ଅବଧି ପାଇଁ ଶାଲିମାର ରେଳ ଷ୍ଟେଶନଠାରେ ୦୧ ଗୋଟି ଦୁଇ ଚକିଆ ଓ ଅନ୍ୟାନ୍ୟ ପାର୍ସଲ ପ୍ୟାକିଂ ସେବା। (୪) ବାସୁଲ୍ୟା ସୂତାହାଟ, ସୁଡେଇ ବଡେଗାଁ, ସତୀଶ ସାମନ୍ତ ପିଏଚ୍, ଟିକିଆପଡ଼ା, ଦେଉଲଟି ଏବଂ ସୋରଠାରେ ୦୬ (ଛଅ) ଗୋଟି ଦୁଇ ଚକିଆ ପାର୍କିଂ ଲଟ୍ ଏବଂ ଝାରଗ୍ରାମ ଓ ଦିଘାଠାରେ ୦୨ (ଦୁଇ) ଗୋଟି ମିଶ୍ରିତ ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା ୱେବସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି।

କ୍ର. ସଂ.	ବର୍ଗ	କାଟାଲଗ୍ ନଂ.	ନିଲାମ ତାରିଖ	ନିଲାମ ଆରମ୍ଭ ସମୟ	ନିଲାମ ସମାପ୍ତି ସମୟ
୧	କ୍ଲୋକ୍ ରୁମ୍	ପିଏନ୍‌ୟୁ-କେଜିପି-ଏସ୍‌ଏଚ୍‌ଏମ୍-ଡବ୍ଲ୍ୟୁଆର୍‌ଏଲ୍	୦୭।୦୩।୨୦୨୪	୧୨.୦୦ ଘଟିକା	୧୨.୩୦ ଘଟିକା
୨	ପେ' ଆଣ୍ଡ ୟୁଜ୍ ଟଏଲେଟ୍	ପିଏନ୍‌ୟୁଟିଓଆଇ-କେଜିପି-୨୪-୨	୦୮।୦୩।୨୦୨୪	୧୨.୦୦ ଘଟିକା	୧୨.୫୦ ଘଟିକା
୩	ଦୁଇ ଚକିଆ ଏବଂ ଅନ୍ୟାନ୍ୟ ପାର୍ସଲ ପ୍ୟାକିଂ ସେବା	ଏମ୍‌ଏସ୍‌ଏସ୍-କେଜିପି-ଟିଡବ୍ଲ୍ୟୁପିପି	୦୮।୦୩।୨୦୨୪	୧୨.୩୦ ଘଟିକା	୧୩.୦୦ ଘଟିକା
୪	ଦୁଇ ଚକିଆ ପାର୍କିଂ ଏବଂ ମିଶ୍ରିତ ପାର୍କିଂ ପାଇଁ ପାର୍କିଂ ଲଟ୍	ପାର୍କ-କେଜିପି-୨୪-୦୩	୦୮।୦୩।୨୦୨୪	୧୧.୩୦ ଘଟିକା	୧୩.୧୦ ଘଟିକା

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1162) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

OFFICE OF THE EXECUTIVE ENGINEER, MINOR IRRIGATION DIVISION, SIMDEGA.

e-Procurement Tender Notice

2nd Call

Tender Reference No. WRD/MID/SIMDEGA/F2-08/2023-24 **Date :- 22-02-2024**

1.	Name of the work:- Construction of Series of Checkdam on Gulda Nala Block- Simdega	Estimated Cost (Rs.) 2,15,04,051.12	Earnest Money (Rs.) 4,30,100.00	Cost of Tender Paper (Rs.) 10,000.00
2.	Time of Completion.	335 days (11 Month)		
3.	Date of Publication of Tender on website	28-02-2024 (2:00PM.)		
4.	Last date/Time for submission of Bids (online)	13-03-2024 (up to 5:00 PM.)		
5.	Last date for Online submission of Tender Fee and EMD	e-Procurement Portal (http://jharkhandtenders.gov.in) 13-03-2024 (up to 5:00 PM.)		
6.	Date of opening of e-tender	15-03-2024 (02.00 PM)		
7.	Name & address of office Inviting tender	EXECUTIVE ENGINEER,MINOR IRRIGATION, DIVISION,SIMDEGA.		
8(a)	Contact no. of Procurement officer	7004377291		
(b)	E-mail of e-procurement Officer	midivsimdg@gmail.com		
9.	Helpline number of e-Procurement cell.	0651-2491232		

Note :-(1) Only e-Tenders will be accepted.
(2) Published Estimated Cost may be Increase or Decrease.
Further details can be seen on website http://jharkhandtenders.gov.in

Executive Engineer,
M.I.Division,Simdega.

PR 319974 Minor Irrigation(23-24)D

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)
Oriental United

ମଣ୍ଡଳ ଶସ୍ତ କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪

[ରୁଲ ୮(୧)] ଦଖଲ ନୋଟିସ୍ (ଅସ୍ଥାବର/ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ପରିଶୋଧ କରିବା ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪) ଅନୁଯାୟୀ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।** ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନଦର୍ଶିତ ଅର୍ଥରାଶି ସହ ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା	ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ	ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ	ସମ୍ପତ୍ତିଗୁଡ଼ିକର ବିବରଣୀ
ବଲାଙ୍ଗୀର ଶାଖା (୧୬୯୧୧୦)/ **ଋଣଗ୍ରହୀତା: ଅଜିତ କୁମାର ଶତପଥୀ,** ପିତା: ✓ ନିଳମଣୀ ଶତପଥୀ / **ଗ୍ୟାରେଣ୍ଟିଦାତା: ଅର୍ଚ୍ଚନା ଶତପଥୀ,** ସ୍ୱାମୀ: ଅଜିତ କୁମାର ଶତପଥୀ, ଉଭୟଙ୍କ ଠିକଣା- ସା:ଟିକ୍ରାପଡା, ଆଇସିଆଇସିଆଇ ବ୍ୟାଙ୍କ ଲିଃ ନିକଟ, ପୋ/ଜିଲ୍ଲା: ବଲାଙ୍ଗୀର-୭୬୭୦୦୧	୨୯.୧୧.୨୦୨୩ / ୧୭.୦୨.୨୦୨୪	୩୧.୧୦.୨୦୨୩ ସୁଦ୍ଧା ଟ.୩୨,୮୧,୦୬୪.୬୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ	**୧. ଅଜିତ କୁମାର ଶତପଥୀ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩୧/୫୨୬, ପ୍ଲଟ୍ ନଂ.: ୬୬୪, କ୍ଷେତ୍ର: ଏକର୧.୭୧୫ଡିସିମିଲି, ମୌଜା: ବିଷ୍ଣୁମୁଣ୍ଡା, ତହସିଲ: ବଲାଙ୍ଗୀର, ଜିଲ୍ଲା: ବଲାଙ୍ଗୀର
	୨. ଅଜିତ କୁମାର ଶତପଥୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୭/୧୧୬, ପ୍ଲଟ୍ ନଂ.: ୧୧୦୫/୧୩୬୩, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୧୧୦୪, କ୍ଷେତ୍ର: ଏକର୦.୫୦ଡିସିମିଲି, ପ୍ଲଟ୍ ନଂ.: ୧୧୦୫, କ୍ଷେତ୍ର: ଏକର୦.୧୬ଡିସିମିଲି, ପ୍ଲଟ୍ ନଂ.: ୧୧୦୩, କ୍ଷେତ୍ର: ଏକର୦.୪୯ଡିସିମିଲି, ପ୍ଲଟ୍ ନଂ.: ୧୧୧୧/୧୧୯୦, କ୍ଷେତ୍ର: ଏକର୦.୧୦ଡିସିମିଲି, ପ୍ଲଟ୍ ନଂ.: ୧୧୧୨, କ୍ଷେତ୍ର: ଏକର୦.୩୩ଡିସିମିଲି ଏବଂ ପ୍ଲଟ୍ ନଂ.: ୧୧୧୧, କ୍ଷେତ୍ର: ଏକର୦.୧୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୨.୨୧୦ଡିସିମିଲି, ମୌଜା: ରାଧା, ତହସିଲ: ପୁଇଁତଲା, ଜିଲ୍ଲା: ବଲାଙ୍ଗୀର		
ବଲାଙ୍ଗୀର ଶାଖା (୧୬୯୧୧୦)/ **ଋଣଗ୍ରହୀତା: ଅଜିତ କୁମାର ଶତପଥୀ,** ପିତା: ✓ ନିଳମଣୀ ଶତପଥୀ / **ଗ୍ୟାରେଣ୍ଟିଦାତା: ଅର୍ଚ୍ଚନା ଶତପଥୀ,** ସ୍ୱାମୀ: ଅଜିତ କୁମାର ଶତପଥୀ, ଉଭୟଙ୍କ ଠିକଣା- ସା:ଟିକ୍ରାପଡା, ଆଇସିଆଇସିଆଇ ବ୍ୟାଙ୍କ ଲିଃ ନିକଟ, ପୋ/ଜିଲ୍ଲା: ବଲାଙ୍ଗୀର-୭୬୭୦୦୧	୨୯.୧୧.୨୦୨୩ / ୧୭.୦୨.୨୦୨୪	୩୧.୧୦.୨୦୨୩ ସୁଦ୍ଧା ଟ.୩୩,୦୦,୦୮୮.୪୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ	**ଅଜିତ କୁମାର ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୫୭/୧୦୯୮, ପ୍ଲଟ୍ ନଂ.: ୧୬୦୦ ୨୪୯୬/୩୮୯୮, କ୍ଷେତ୍ର: ଏକର୦.୧୧୫ଡିସିମିଲି, ମୌଜା: ସାଲେପାଲି, ଜିଲ୍ଲା: ବଲାଙ୍ଗୀର
ସୁନ୍ଦରଗଡ ଶାଖା (୩୧୩୩୦୦)/ **ଋଣଗ୍ରହୀତା: ମେସର୍ସ ମୋଟେଲ ଆଇବି ଭ୍ୟାଲି, ସ୍ୱତ୍ୱାଧିକାରୀ: ଯୋଗେନ୍ଦ୍ର ସ୍ୱର୍ଣ୍ଣକାର,** ଜଗନ୍ନାଥ ମନ୍ଦିର ନିକଟ, କାନାରା ବ୍ୟାଙ୍କ ବିଲ୍ଡିଂ, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୭୦୦୦୧	୩୧.୧୨.୨୦୨୨ / ୧୯.୦୨.୨୦୨୪	୧୭.୧୨.୨୦୧୮ ସୁଦ୍ଧା ଟ.୧୫,୭୦,୦୦୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ	**ଯୋଗେନ୍ଦ୍ର ସ୍ୱର୍ଣ୍ଣକାର**ଙ୍କ ନାମରେ ଥିବା ସମ୍ପତ୍ତି (୨ ମହଲା ବିଲ୍ଡିଂ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୯/୧୩୫, ପ୍ଲଟ୍ ନଂ.: ୪୩୩/୩୫୩୦/୩୫୩୫, କ୍ଷେତ୍ର: ଏକର୧.୦୦ ଡିସିମିଲି, ପ୍ଲଟ୍ ନଂ.: ୪୩୩/୩୫୩୦/୩୭୦୩, କ୍ଷେତ୍ର: ଏକର୦.୫୦ଡିସିମିଲି, ମୌଜା: କରମଡିହି, ତହସିଲ: ସଦେଗା, ଜିଲ୍ଲା: ସୁନ୍ଦରଗଡ
ସୁନ୍ଦରଗଡ ଶାଖା (୩୧୩୩୦୦)/ **ଋଣଗ୍ରହୀତା: ମେସର୍ସ ମହାବୀର ଏଣ୍ଟରପ୍ରାଇଜେସ୍, ଅଂଶୀଦାରମାନେ: ସୁଭମ କୁମାର ନାଏକ ଏବଂ ✓ ଭାରତୀ ନାଏକ,** ସା: ମହୁଲପାଲି, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା	୦୭.୦୩.୨୦୨୨ / ୧୯.୦୨.୨୦୨୪	୨୮.୦୨.୨୦୨୨ ସୁଦ୍ଧା ଟ.୧,୦୩,୬୯,୯୭୦.୮୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ	ବ୍ୟାଙ୍କର ଆର୍ଥିକ ସହାୟତାରେ ସା: ମହୁଲପାଲି, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶାରେ ସ୍ଥାପନ ହୋଇଥିବା କଳକବ୍ଜା, ଯନ୍ତ୍ରପାତି, ଫର୍ଣ୍ଣିଚର, ଫିକ୍ସଚର ଓ ଦ୍ରବ୍ୟର ସମସ୍ତ ଅଂଶବିଶେଷ ଏବଂ ଅନ୍ୟାନ୍ୟ ସମସ୍ତ ଅସ୍ଥାବର ସମ୍ପତ୍ତି
ସମ୍ବଲପୁର ଶାଖା (୦୪୪୨୦୦)/ **ଋଣଗ୍ରହୀତାମାନେ: ରାଜ କୁମାର ସିହ୍ନା ଏବଂ ବିଜୟ କୁମାର ସିହ୍ନା,** ଉଭୟଙ୍କ ପିତା: ଲଲନ ପ୍ରସାଦ ସିହ୍ନା, ସା: ଟିଚର୍ସ କଲୋନୀ, ବାଲାଜୀ ମନ୍ଦିର ନିକଟ, ପୋ: କ୍ଷେତରାଜପୁର, ଜିଲ୍ଲା: ସମ୍ବଲପୁର-୭୬୮୦୦୩	୨୮.୧୧.୨୦୨୩ / ୨୨.୦୨.୨୦୨୪	୩୧.୧୦.୨୦୨୩ ସୁଦ୍ଧା ଟ. ୬,୪୫,୮୨୭.୨୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ	**ରାଜ କୁମାର ସିହ୍ନା ଏବଂ ବିଜୟ କୁମାର ସିହ୍ନା,** ଉଭୟଙ୍କ ପିତା: ଲଲନ ପ୍ରସାଦ ସିହ୍ନାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୬୮/୧୫୯, ପ୍ଲଟ୍ ନଂ.: ୮୨୪/୨୩୧୩, କ୍ଷେତ୍ର: ଏକର୦.୦୪୨ଡିସିମିଲି, ମୌଜା: ସମ୍ବଲପୁର ଟାଉନ୍, ୟୁନିଟ୍ ନଂ.: ୯, ତାଲଭଟ୍ଟ, ତହସିଲ: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: କୌଶଳ ପ୍ରସାଦ ଯାଦବ, ଦକ୍ଷିଣ: ପ୍ଲଟ୍ ନଂ.: ୮୨୪ର ସଂଯୋଗ ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୨, ପଶ୍ଚିମ: ପ୍ଲଟ୍ ନଂ.: ୮୨୪ର ସଂଯୋଗ ରାସ୍ତା
ଝାରସୁଗୁଡା ଶାଖା (୧୪୦୩୨୦)/ **ଋଣଗ୍ରହୀତା: ଶ୍ରୀମତୀ ରାଜକୁମାରୀ ପାଶୱାନ,** ସ୍ୱାମୀ: ବାସୁ ପାଶୱାନ / **ଗ୍ୟାରେଣ୍ଟିଦାତା: ଶ୍ରୀ ବାସୁ ପାଶୱାନ,** ଉଭୟଙ୍କ ଠିକଣା- ସା: ଚୌକିପଡା, ରେଲୱେ ଫାଟକ ନିକଟ, ଜିଲ୍ଲା: ଝାରସୁଗୁଡା-୭୬୮୨୦୧	୧୫.୧୨.୨୦୨୩ / ୨୨.୦୨.୨୦୨୪	୩୦.୧୧.୨୦୨୩ ସୁଦ୍ଧା ଟ. ୬,୮୬,୧୧୧.୬୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ	**ଶ୍ରୀମତୀ ରାଜକୁମାରୀ ପାଶୱାନ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୬୭/୨୧୦୩, ପ୍ଲଟ୍ ନଂ.: ୩୮୭୪/୭୧୧୪, କ୍ଷେତ୍ର: ଏକର୦.୦୨୬ଡିସିମିଲି, ପ୍ଲଟ୍ ନଂ.: ୩୮୭୫/୭୧୧୫, କ୍ଷେତ୍ର: ଏକର୦.୦୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି,** ମୌଜା: ଝାରସୁଗୁଡା ଟାଉନ ୟୁନିଟ ନଂ.: ୧, ଏକତାଳି, ତହସିଲ: ଝାରସୁଗୁଡା, ଜିଲ୍ଲା: ଝାରସୁଗୁଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାଗିଣୀ ଶର୍ମା ଏବଂ ଶ୍ରୀମତୀ ଉଷା ଶର୍ମାଙ୍କ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୮୫୮, ପୂର୍ବ: ପ୍ଲଟ୍ ନଂ.: ୩୮୭୫ର ଅଂଶ, ପଶ୍ଚିମ: ରାସ୍ତା

ସ୍ଥାନ : ସମ୍ବଲପୁର
ତାରିଖ : ୨୨.୦୨.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

ସଂକ୍ଷେପରେ

କେଜ୍‌ରିୱାଲଙ୍କୁ ପୁଣି ଇଡି ସମନ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସମନ ଜାରି କରିଛି। ତାଙ୍କୁ ୨୬ ତାରିଖରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। କେଜ୍‌ରିୱାଲଙ୍କୁ ଇଡିର ଏହା ସପ୍ତମ ସମନ। ଅନ୍ୟପକ୍ଷରେ ମାମଲା କୋର୍ଟଙ୍କ ବିଚାରାଧୀନ ଥିବାରୁ ହାଜର ହେବା ପାଇଁ ସାନି ସମନ ଜାରି କରାଯିବା ଭୁଲ୍ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଥିଲାବେଳେ ଇଡି ଏହାକୁ ଖଣ୍ଡନ କରିଛି। ସୂଚନାଯୋଗ୍ୟ, ଏଏପିର ରାଷ୍ଟ୍ରୀୟ ଆବାହକ ୬ ଥର ସମନକୁ ଅବଜ୍ଞା କରିବା ପରେ ଇଡି ତାଙ୍କ ବିରୋଧରେ ଅଦାଲତରେ ମାମଲା ରୁଜୁ କରିଥିଲା। ଏହାର ଶୁଣାଣି ମାର୍ଚ୍ଚ ୧୬ରେ ହେବ। ଇଡିର ଅଭିଯୋଗ ଏବଂ ଦାଖଲ କରିଥିବା ତଥ୍ୟ ପ୍ରମାଣରୁ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ଚଳାଇବାର ଯଥେଷ୍ଟ କାରଣ ରହିଛି ବୋଲି ଅଦାଲତ କହିଥିଲେ।

ଗୁଲ୍‌ମାର୍ଗରେ ହିମସ୍ଖଳନ: ଜଣେ ବିଦେଶୀ ମୃତ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଜମ୍ମୁ-କଶ୍ମୀରର ଗୁଲ୍‌ମାର୍ଗରେ ପ୍ରବଳ ହିମସ୍ଖଳନ ଯୋଗୁ ଜଣେ ରୁଷୀୟ ସ୍କିୟରଙ୍କ ମୃତ୍ୟୁ ଘଟିଛି। ରୁଷିଆର ୭ ଜଣ ସ୍କିୟର ଉକ୍ତ ରିସର୍ଟ ସହରକୁ ଯାଇଥିବାବେଳେ ଗୁରୁବାର ହିମସ୍ଖଳନର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଉଦ୍ଧାର କରାଯାଇଛି। ତଲାସି ଓ ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟର ନିୟୋଜିତ ହୋଇଥିଲା। ଗୁଲ୍‌ମାର୍ଗର କୋଙ୍ଗଡୁରି ସ୍ଲୋପ୍ ନିକଟରେ ହିମସ୍ଖଳନ ହୋଇଥିଲା।

ଅସହମତି ପ୍ରକାଶ କଲା ଏକ୍ସ

କୃଷକ ଆନ୍ଦୋଳନ ସମ୍ପର୍କିତ ପୋଷ୍ଟ ବ୍ଲକ୍ ନିର୍ଦ୍ଦେଶ

ଗଣତନ୍ତ୍ରର ହତ୍ୟା କହିଲା କଂଗ୍ରେସ

ନୂଆଦିଲ୍ଲୀ,୨୨।୨(ପି.ଟି.)

କୃଷକ ଆନ୍ଦୋଳନ ସମ୍ପର୍କିତ ଆକାଉଣ୍ଟ ଏବଂ ପୋଷ୍ଟଗୁଡ଼ିକୁ ବ୍ଲକ୍ କରିବା ପାଇଁ ଭାରତ ସରକାର ଦେଇଥିବା ନିର୍ଦ୍ଦେଶରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ଅସହମତି ପ୍ରକାଶ କରିଛି। ଅଭିବ୍ୟକ୍ତି ସ୍ୱାଧୀନତା ଆଧାରରେ ଉକ୍ତ ପୋଷ୍ଟଗୁଡ଼ିକୁ ସ୍ଥଗିତ ରଖାଯିବା ଉଚିତ ନୁହେଁ ବୋଲି ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଟିମ୍ କହିଛି। କୃଷକ ଆନ୍ଦୋଳନ ସହ ଜଡ଼ିତ ଥିବା ୧୭୭ଟି ଆକାଉଣ୍ଟକୁ ସାମୟିକ ଭାବେ ବ୍ଲକ୍ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଏଭଳି ଆକାଉଣ୍ଟ ଓ ପୋଷ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକ୍ଜିକ୍ୟୁଟିଭ୍ ଅର୍ଡର ପାଇଥିବା ଏଲନ୍ ମସ୍କଙ୍କ ଏକ୍ସ ପକ୍ଷରୁ କୁହାଯାଇଛି। ଏହାର ଅବମାନନା କଲେ ଅର୍ଥଦଣ୍ଡ ଏବଂ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଯଦିଓ ଏକ୍ସ କେବଳ ଭାରତରେ ସମ୍ପୃକ୍ତ ଆକାଉଣ୍ଟ ଓ ପୋଷ୍ଟଗୁଡ଼ିକୁ ସ୍ଥଗିତ ରଖିଥିବା ଗତ ମଧ୍ୟରାତ୍ରରେ ଏକ ପୋଷ୍ଟ ଜରିଆରେ ଜଣାଇଛି। ତେବେ ଭାରତ ସରକାରଙ୍କ କାର୍ଯ୍ୟ ସହ ଆମେ ସହମତ ନୋହୁଁ। ଅଭିବ୍ୟକ୍ତି ସ୍ୱାଧୀନତା ଆଧାରରେ ପୋଷ୍ଟଗୁଡ଼ିକୁ ସ୍ଥଗିତ ରଖାଯିବା ଉଚିତ ନୁହେଁ ବୋଲି ଏହାର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଟିମ୍ କହିଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଏକ୍ସ ଏକ ରିଟ୍ ଅପିଲ୍ ଦାଏର କରିଛି। ଆଇନଗତ କଟକଣା ଯୋଗୁ ଆମେ ଏକ୍ଜିକ୍ୟୁଟିଭ୍ ଅର୍ଡର ପ୍ରକାଶ କରିବାକୁ ଅସମର୍ଥ। ତେବେ ସ୍ୱଚ୍ଛତା ପାଇଁ ସେଗୁଡ଼ିକୁ ସର୍ବସାଧାରଣରେ ପ୍ରକାଶ କରିବା ଜରୁରୀ। ପ୍ରକାଶ କରା ନ ଯିବା ଦ୍ୱାରା ଉତ୍ତରଦାୟିତ୍ୱରେ ଅଭାବ ସାଙ୍ଗକୁ ନିଷ୍ପତ୍ତି ନେବାରେ ମନମାନି ସୃଷ୍ଟି କରିବ ବୋଲି ଏକ୍ସ ଏହାର ପୋଷ୍ଟରେ ଲେଖିଛି।

କୃଷକ ଆନ୍ଦୋଳନ ସମ୍ପର୍କିତ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ପୋଷ୍ଟଗୁଡ଼ିକୁ ବ୍ଲକ୍ କରିବାକୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ଅଭିଯୋଗ କରିଛି। ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଟିମ୍‌ର ମନ୍ତବ୍ୟକୁ ଟ୍ୟାଗ୍ କରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଭାରତରେ ଗଣତନ୍ତ୍ରର ହତ୍ୟା କରାଯାଉଛି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଭିନ୍ନ ମତକୁ ସରକାର ଚାପି ଦେଉଛନ୍ତି। ବିକ୍ଷୋଭକାରୀଙ୍କ ବିରୋଧରେ ବଳ ପ୍ରୟୋଗ କରାଯାଉଛି। ଚାଷୀ ଏମ୍ଏସ୍‌ପି ପାଇଁ ଦାବି କଲେ, ସେମାନଙ୍କୁ ଗୁଳି ଚଳାଇବା କ'ଣ ଗଣତନ୍ତ୍ରର ଜନନୀ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଯୁବବର୍ଗ ନିଯୁକ୍ତି ପାଇଁ କହିଲେ, ସେମାନଙ୍କ କଥା ସରକାର ଶୁଣୁନାହାନ୍ତି। ପୂର୍ବତନ ରାଜ୍ୟପାଳ ସତ କଥା କହିଲେ, ତାଙ୍କ ଘରକୁ ସିବିଆଇ ପଠାଯାଉଛି। ପ୍ରମୁଖ ବିରୋଧୀ ଦଳର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଦିଆଯାଉଛି। ଧାରା ୧୪୪ ଲାଗୁ କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରାଯାଉଛି। ରାସ୍ତାରେ ତାରବାଡ଼ ଦିଆଯାଇ ଲୁହାବୁହା ବାଷ୍ପ ପ୍ରୟୋଗ କରାଯାଇଛି। ଏହା କ'ଣ ଗଣତନ୍ତ୍ରର ଜନନୀ କି ବୋଲି କଂଗ୍ରେସ ନେତା କହିଛନ୍ତି। ଗଣତନ୍ତ୍ରର ହତ୍ୟା କରୁଥିବା ସରକାରଙ୍କୁ ଜନସାଧାରଣ ଉପଯୁକ୍ତ ଜବାବ ଦେବେ ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ଚାଷୀମାନେ ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ଜାତୀୟ ରାଜପଥରେ ସେମାନଙ୍କ ଟ୍ରାକ୍ଟର ଓ ଟ୍ରଲିଗୁଡ଼ିକୁ ପାର୍କିଂ କରିଛନ୍ତି।

ମୋଦି ସବୁଠୁ ଲୋକପ୍ରିୟ ବିଶ୍ୱନେତା

୧୧ତମ ସ୍ଥାନରେ ବାଇଡେନ୍, ୨୦ତମ ସ୍ଥାନରେ ଋଷି ସୁନକ

ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୨୨।୨

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପୁଣିଥରେ ଉଭା ହୋଇଛନ୍ତି। ତାଙ୍କର ଅନୁମୋଦନ ରେଟିଂ ସର୍ବାଧିକ ୭୮ ପ୍ରତିଶତ ରହିଛି। ଆମେରିକାର ଗୋଇନ୍ଦା ଏଜେନ୍ସି ମର୍ନିଂ କନ୍‌ସଲ୍ଟ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେରେ ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ୬୫ ପ୍ରତିଶତ ଆପ୍ରୁଭାଲ ରେଟିଂ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୬୩ ପ୍ରତିଶତ ରେଟିଂ ସହ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ଲୋକପ୍ରିୟ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୧୧ତମ ସ୍ଥାନରେ ରହିଥିବାବେଳେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ୧୭ତମ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ୨୦ତମ ସ୍ଥାନରେ ରହିଛନ୍ତି। ଜାନୁଆରୀ ୩୦ରୁ ଫେବୃଆରୀ ୫ ମଧ୍ୟରେ ସଂଗୃହୀତ ତଥ୍ୟ ଆଧାରରେ ଏହି ରେଟିଂ କରାଯାଇଛି।

ୱାଇ.ଏସ୍. ଶର୍ମିଳା ଗିରଫ

ବିଜୟୱାଡ଼ା,୨୨।୨

ଆନ୍ଧ୍ରପ୍ରଦେଶରେ ଶିକ୍ଷକ ନିଯୁକ୍ତି ସମ୍ପର୍କିତ ଜିଲା ଚୟନ କମିଟି (ଡିଏସ୍‌ସି)ର ବିଜ୍ଞପ୍ତିକୁ ବିରୋଧ କରି ରାଜ୍ୟ କଂଗ୍ରେସ ପକ୍ଷରୁ ଗୁରୁବାର 'ସଚିବାଳୟ ଚାଲ' ଅଭିଯାନ ବେଳେ ପ୍ରଦେଶ କଂଗ୍ରେସ କମିଟି ସଭାନେତ୍ରୀ ୱାଇ.ଏସ୍. ଶର୍ମିଳା ରେଡ୍ଡୀ ଏବଂ ଦଳର ୪୦ କର୍ମୀଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରପ୍ରଦେଶ କଂଗ୍ରେସ କମିଟି ଏହାର ମୁଖ୍ୟାଳୟ ଆନ୍ଧ୍ରରତ୍ନ ଭବନରୁ 'ସଚିବାଳୟ ଚାଲ' ବିକ୍ଷୋଭ ଅଭିଯାନ ଆରମ୍ଭ କରିଥିଲା। ଗୃହବନ୍ଦୀରୁ ବର୍ତ୍ତିବା ଲାଗି ଶର୍ମିଳା ବୁଧବାର ରାତିରୁ ବିଜୟୱାଡ଼ାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ରହିଥିଲେ। ଅନ୍ୟପକ୍ଷରେ ଏଲୁରୁ ରୋଡ୍‌ରେ ଗାଡ଼ିମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି କରିବା ସହ ସ୍ଲୋଗାନ ଦେଉଥିବା କଂଗ୍ରେସ କର୍ମୀମାନଙ୍କୁ ଅଟକ ରଖାଯାଇଥିଲା ଓ ପରେ ସେମାନଙ୍କୁ ଛାଡ଼ିଦିଆଯାଇଛି ବୋଲି ବିଜୟୱାଡ଼ା ସାଉଥ୍‌ର ଡିସିପି ବି. ରବି କିରନ କହିଛନ୍ତି। କଂଗ୍ରେସ ଦଳ ବେରୋଜଗାରିଙ୍କ ସମର୍ଥନରେ ବାହାରିଥିବାବେଳେ ସେମାନଙ୍କୁ ଗିରଫ କରାଯିବା ନେଇ ଶର୍ମିଳା ୱାଇଏସ୍ଆର୍‌ସିପି ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାର ୨୩ ହଜାର ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିବାବେଳେ ଡିଏସ୍‌ସି ବିଜ୍ଞପ୍ତିରେ ମାତ୍ର ୬,୦୦୦ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ସରକାର ବେରୋଜଗାରିମାନଙ୍କୁ କ୍ଷମା ମାଗନ୍ତୁ ବୋଲି ଶର୍ମିଳା ଦାବି କରିଛନ୍ତି।

ସୁନାଖଣି ଭୁଶୁଡ଼ି ୧୪ ମୃତ

ଲାପାରାଗୁଆ,୨୨।୨

କେନ୍ଦ୍ରୀୟ ଭେନେଜୁଏଲାରେ ବେଆଇନ ଭାବେ ଖନନ ଚାଲିଥିବା ଏକ ଖୋଲା ସୁନା ଖଣି ଭୁଶୁଡ଼ିବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଖଣି ଭିତରେ ବହୁସଂଖ୍ୟାରେ ଲୋକ ଫସିରହିଥିବା କେତେ ଜଣ ଅଧିକାରୀ କହିଛନ୍ତି। ୧୪ ଜଣଙ୍କ ମୃତ୍ୟୁ ହେବା ସହ ୧୧ ଜଣ ଆହତ ହୋଇଛନ୍ତି ବୋଲି ବୋଲଇଭାର ରାଜ୍ୟ ଗଭର୍ନର ଆଞ୍ଜେଲ ମାର୍କାନୋ ଗଣମାଧ୍ୟମକୁ କହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ଦିଲ୍ଲୀରେ ଏଏପି ୪, କଂଗ୍ରେସ ୩ ଆସନରେ ଲଢ଼ିବ

ନୂଆଦିଲ୍ଲୀ,୨୨।୨

ଦିଲ୍ଲୀର ୭ ଲୋକ ସଭା ଆସନ ପାଇଁ ଇଣ୍ଡିଆ ମେଣ୍ଟର ଦୁଇ ସହଯୋଗୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯିବ। ତେବେ ରାଜଧାନୀ ଦିଲ୍ଲୀରେ କଂଗ୍ରେସ ୩ ଏବଂ ଏଏପି ୪ ଆସନରେ ଲଢ଼ିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଏପି ଦକ୍ଷିଣ ଦିଲ୍ଲୀ, ପଶ୍ଚିମ ଦିଲ୍ଲୀ, ଉତ୍ତରପଶ୍ଚିମ ଦିଲ୍ଲୀ ଏବଂ ନୂଆଦିଲ୍ଲୀ ଆସନରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ଚାନ୍ଦିନୀଚୌକ, ପୂର୍ବ ଦିଲ୍ଲୀ ଏବଂ ଉତ୍ତରପୂର୍ବ ଦିଲ୍ଲୀରେ ଲଢ଼ିବ ବୋଲି ଏଏପି ସୂତ୍ରରୁ କୁହାଯାଇଛି। ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହେବା ପରେ ଦିଲ୍ଲୀ ଆସନ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହା ବ୍ୟତୀତ ଗୁଜରାଟ, ଗୋଆ ଏବଂ ଚଣ୍ଡିଗଡ଼ରେ ମଧ୍ୟ ଦୁଇ ଦଳ ଆସନ ବୁଝାମଣା ନେଇ ସହମତିରେ ପହଞ୍ଚିଥିବା ଏକ ସୂତ୍ରରୁ ଜଣାଯାଇଛି।

ମାଳଦ୍ୱୀପରେ ଲାଗିଲା ଚାଇନା ଗବେଷଣା ଜାହାଜ

ମାଲେ,୨୨।୨(ପି.ଟି.)

ଉଚ୍ଚ ପ୍ରଯୁକ୍ତିଯୁକ୍ତ ଚାଇନା ସାମୁଦ୍ରିକ ଗବେଷଣା ଜାହାଜ ପ୍ରାୟ ମାସେ କାଳ ଭାରତ ମହାସାଗରରେ ରହିବା ପରେ ଗୁରୁବାର ମାଳଦ୍ୱୀପ ନିକଟରେ ପହଞ୍ଚିଛି। ଉକ୍ତ ଜାହାଜ ଗବେଷଣା ପାଇଁ ଉଦ୍ଦିଷ୍ଟ ବୋଲି ବେଜିଂ କହୁଥିବାବେଳେ ଗୁପ୍ତଚର ବୃତ୍ତିରେ ତାହା ନିୟୋଜିତ ଥିବା କୁହାଯାଉଛି। ଭାରତ ଏବଂ ଶ୍ରୀଲଙ୍କାର ତଟସୁରକ୍ଷା ଜାହାଜ ତ୍ରିପାକ୍ଷିକ ନୌସମରାଭ୍ୟାସ ପାଇଁ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପସମୂହ ନିକଟରେ ପହଞ୍ଚିଥିବାବେଳେ ସେହିଦିନ ଚାଇନାର 'ଶିଆଙ୍ଗ ୟାଙ୍ଗ ହୋଙ୍ଗ-୦୩' ସେଠାରେ ପହଞ୍ଚିଛି।

ଭାରତ ମହାସାଗରରେ ଚାଇନା ଗବେଷଣା ଜାହାଜର ଯାତାୟାତକୁ ନେଇ ନୂଆଦିଲ୍ଲୀ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲା। କଲମ୍ବୋ ବନ୍ଦରରେ ଉକ୍ତ ଜାହାଜକୁ ରହିବା ନିମନ୍ତେ ଅନୁମତି ନ ଦେବାକୁ ଭାରତ ଶ୍ରୀଲଙ୍କା ଉପରେ ଚାପ ପକାଇଥିଲା। ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ଚାଇନା ଗସ୍ତରୁ ଫେରିବା ପରେ ଶିଆଙ୍ଗ ୟାଙ୍ଗ ହୋଙ୍ଗ-୦୩ ଗତ ଜାନୁଆରୀ ୧୪ରୁ ଯାତ୍ରା ଆରମ୍ଭ କରିଥିଲା। ଏହା ଗୁରୁବାର ସକାଳେ ମାଲେ ସିଟି ନିକଟରେ ପହଞ୍ଚିଥିବାବେଳେ ମଧ୍ୟାହ୍ନ ବେଳକୁ ଥିଲାଫୁଶି ନିକଟରେ ଦେଖାଯାଇଥିଲା। ତେବେ ଜାହାଜ ଇଣ୍ଡୋନେସିଆ ନିକଟବର୍ତ୍ତୀ ଜାଭା ସି ନିକଟରେ ପହଞ୍ଚିବା ପରେ ଏହାର ଟ୍ରାକିଂ ସିଷ୍ଟମକୁ ଅଫ୍ କରିଦିଆଯାଇଥିବାରୁ ଜାନୁଆରୀ ୨୨ରୁ ସାଧାରଣ ଟ୍ରାକିଂ ସାଇଟରେ ତାହା ଦୃଶ୍ୟ ହେଉ ନ ଥିଲା। ଅଧାଧୁ ଡଟ୍ କମ୍ ନାମକ ଏକ ନ୍ୟୁଜ୍ ପୋର୍ଟାଲ ସାଟେଲାଇଟ୍ ଏଆଇଏସ୍ ଟ୍ରାକିଂ ବ୍ୟବହାର କରି ମାଳଦ୍ୱୀପର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଇଇଜେଡ୍)ରେ ଚାଇନା ଜାହାଜକୁ ଠାବ କରିଛି।

ଚାଇନା ସପକ୍ଷବାଦୀ ନେତା ମୁଇଜ୍ଜୁ ଭାରତ ବିରୋଧୀ ଆଭିମୁଖ୍ୟ ରଖି ଗତବର୍ଷ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସାଧାରଣତଃ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଥମେ ଭାରତ ଗସ୍ତରେ ଆସିବା ଏକ ପରମ୍ପରା ରହିଥିବାବେଳେ ମୁଇଜ୍ଜୁ ଏହାକୁ ଭାଙ୍ଗି ପ୍ରଥମେ ଚାଇନା ଗସ୍ତ କରିଥିଲେ। ଆମେରିକା ଥିଙ୍କ୍‌ଟ୍ୟାଙ୍କ୍‌ର ଅଭିଯୋଗ ଅନୁଯାୟୀ ଚାଇନାର ଅନେକ ଗବେଷଣା ଜାହାଜ ସାମରିକ ଉଦ୍ଦେଶ୍ୟରେ ଭାରତ ମହାସାଗର ଅଞ୍ଚଳ ସମେତ ବିଭିନ୍ନ ସମୁଦ୍ରରୁ ତଥ୍ୟ ସଂଗ୍ରହରେ ନିୟୋଜିତ ଅଛନ୍ତି। ବିଶେଷ କରି ବୁଡ଼ାଜାହାଜ ଯାତାୟାତ ରୁଟ୍ ନେଇ ସେମାନେ ତଥ୍ୟ ଯୋଗାଡ଼ କରିଥାନ୍ତି। ତେବେ ବେଜିଂ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଆସୁଛି। ଜାନୁଆରୀ ୨୩ରେ ମାଳଦ୍ୱୀପ କର୍ତ୍ତୃପକ୍ଷ ଚାଇନାର ଗବେଷଣା ଜାହାଜକୁ ଅନୁମତି ଦେଇଥିଲେ। ତେବେ ମାଳଦ୍ୱୀପ ଜଳରାଶିରେ ଏହା କୌଣସି ଗବେଷଣା କରିବ ନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିବା ପରେ ଭାରତ ଏହାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଫୁରସତ

ଛୁଆ ହାତୀର ସଂଘର୍ଷ

ପ୍ରିଟୋରିଆ: ଦକ୍ଷିଣ ଆଫ୍ରିକାର ଗୋଟିଏ ଜଙ୍ଗଲରେ ଏକ ହାତୀପଲ ଯାଉଥିବା ସମୟରେ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜଙ୍ଗଲ ମଧ୍ୟରେ ଗୋଟିଏ ଉଚ୍ଚ ସ୍ଥାନକୁ ଚଢ଼ିବା ପାଇଁ ଏକ ଛୁଆ ହାତୀ ସଂଘର୍ଷ କରୁଥିବା ଏହି ଭିଡିଓରୁ ଜଣାପଡୁଛି। ଅନେକ ସଂଘର୍ଷ ପରେ ଛୁଆ ହାତୀଟି ସଫଳତା ପାଇବା ଦେଖି ଏହି ଭିଡିଓରେ ଅନେକ ଲୋକ ଖୁସି ପ୍ରକାଶ କରିଛନ୍ତି।

ଦକ୍ଷିଣ ଆଫ୍ରିକାର ଏକ ଜଙ୍ଗଲ ଦେଇ ଏକ ହାତୀପଲ ଅତିକ୍ରମ କରୁଥିବା ବେଳେ ବାଟରେ ଏକ ଉଚ୍ଚ ସ୍ଥାନ ପଡ଼ିଥିଲା। ସମସ୍ତ ହାତୀ ଏହି ଉଚ୍ଚ ସ୍ଥାନକୁ ଚଢ଼ିବାକୁ ସକ୍ଷମ ହୋଇଥିବା ବେଳେ ଏକ ଛୁଆ ହାତୀ ସେଠାରେ ଚଢ଼ିପାରି ନ ଥିଲା। ସମ୍ପୃକ୍ତ ଉଚ୍ଚା ସ୍ଥାନକୁ ଚଢ଼ିବାକୁ ଛୁଆ ହାତୀଟି ବାରମ୍ବାର ଚେଷ୍ଟା କରୁଥିଲେ ମଧ୍ୟ ବିଫଳ ହେଉଥିଲା। ଉପରକୁ ଚଢ଼ିବାକୁ ଛୁଆ ହାତୀଟି ଅକ୍ଳାନ୍ତ ପରିଶ୍ରମ କରୁଥିବା ଦେଖି ମା' ହାତୀ କିଛି ସାହାଯ୍ୟ ନକରି ନିଜ ଛୁଆର ସଫଳତା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲା। ତେବେ ଛୁଆ ହାତୀଟି ସମ୍ପୃକ୍ତ ଉଚ୍ଚ ସ୍ଥାନକୁ ବାରମ୍ବାର ଡେଇଁବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରୁ ନ ଥିଲା। ଶେଷରେ ଛୁଆ ହାତୀଟ ବୁଦ୍ଧି ପ୍ରୟାଗ କରି ବିପରୀତ ଦିଗରେ ଥିବା ଅନ୍ୟ ଏକ ବିକଳ୍ପ ମାର୍ଗ ଜରିଆରେ ସହଜରେ ଉଚ୍ଚ ସ୍ଥାନରେ ତାକୁ ଅପେକ୍ଷା କରି ରହିଥିବା ଅନ୍ୟ ହାତୀ ସମୂହଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ଅନେକ ସଂଘର୍ଷ ପରେ ଛୁଆ ହାତୀଟିର ସଫଳତା ଦେଖି ଅନେକ ୟୁଜର୍ସ ଖୁସିବ୍ୟକ୍ତ କରିଛନ୍ତି।

ଅନିଲଙ୍କ ଫିଟ୍‌ନେସ୍‌ର ରାଜ୍ ଖୋଲିଲେ ସୋନମ୍

ମୁମ୍ବାଇ: ବରିଷ୍ଠ ବଲିଉଡ୍ ଅଭିନେତା ଅନିଲ କପୁରଙ୍କୁ ହିନ୍ଦୀ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ସବୁଠୁ ଫିଟ୍ ଅଭିନେତାମାନଙ୍କ ମଧ୍ୟରେ ଗଣା ଯାଏ। ସେ ନିଜ ଫିଟ୍‌ନେସ୍‌ରେ ଯୁବ ଅଭିନେତାମାନଙ୍କୁ କଡ଼ା ଟକ୍କର ଦେଉଥିବା ଆଲୋଚନା ହୋଇଥାଏ। ୬୭ ବର୍ଷ ବୟସରେ ଅନିଲ ନିଜ କ୍ୟାରିୟରର ଶିଖରରେ ଥିବାବେଳେ, ଏବେ ମଧ୍ୟ ସେ ଅନେକ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାଠାରୁ ଆରମ୍ଭ କରି ରୋମାଣ୍ଟିକ ଚରିତ୍ରପରି ଅନେକ ଭୂମିକାରେ ନଜର ଆସୁଛନ୍ତି। ତେବେ ଅନିଲଙ୍କ ଫିଟନେସର ରହସ୍ୟକୁ ତାଙ୍କ ଝିଅ ତଥା ବଲିଉଡ ଅଭିନେତ୍ରୀ ସୋନମ କପୁର ଖୁଲାସା କରିଛନ୍ତି।

ନିକଟରେ ମୁମ୍ବାଇର ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେବା ବେଳେ ସୋନମ ନିଜ ପିତାଙ୍କ ଫିଟ୍‌ନେସ୍‌ର ରହସ୍ୟ ଖୁଲାସା କରିଥିଲେ। ତାଙ୍କ ପିତା ମଦ୍ୟପାନ, ଧୂମପାନ ଆଦି ବିଭିନ୍ନ ବଦାଭ୍ୟାସଠାରୁ ସବୁବେଳେ ଦୁରେଇ ରହୁଥିବା ସେ ଏହି ଅବସରରେ କହିଥିଲେ। ସେ ନିଜ ପିତାଙ୍କ ଫିଟ୍‌ନେସ୍‌ର ଶ୍ରେୟ ମା' ସୁନୀତାଙ୍କୁ ଦେଇଛନ୍ତି। ବିବାହ ପରଠାରୁ ତାଙ୍କ ମା', ପିତା ଅନିଲଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥିବା ସେ କହିଛନ୍ତି। ମା' ସୁନୀତାଙ୍କ କାରଣରୁ ପିତା ଅନିଲ ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସହ, ତାଙ୍କର କୌଣସି ମଧ୍ୟ ଖରାପ ଅଭ୍ୟାସ ନ ଥିବାରୁ ସେ ଏବେବି ଫିଟ୍ ଥିବା ସୋନମ୍ କହିଛନ୍ତି।

ନିକଟରେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଫାଇଟର୍'ରେ ଅନିଲ କପୁରଙ୍କୁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ର ଘରୋଇ ବକ୍ସ ଅଫିସରେ ୨୦୦ କୋଟିରୁ ଅଧିକ ଆୟ କରିଥିବା ବେଳେ, ସାରା ବିଶ୍ୱରେ ୩୫୦ କୋଟି ଟଙ୍କା ଅତିକ୍ରମ କରିଛି। ସେହିପରି ଶେଷ ଥର ପାଇଁ ସୋନମ୍ 'ଦ ଜୋୟା ଫ୍ୟାକ୍ଟର୍' ଚଳଚ୍ଚିତ୍ରରେ ଅଭିନୟ କରିଥିବା ବେଳେ ସମ୍ପ୍ରତି ସେ ଅଭିନୟରୁ କିଛି ସମୟ ପାଇଁ ବିରତି ନେଇ ନିଜ ଦାମ୍ପତ୍ୟ ଜୀବନରେ ବ୍ୟସ୍ତ ଅଛନ୍ତି।

ପ୍ରଥମ ପୃଷ୍ଠାରୁ...

ସତ୍ୟପାଲଙ୍କ ଘରେ...

ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବାବେଳେ ଦୁଇଟି ଫାଇଲକୁ ମଞ୍ଜୁରୀ ଦେବା ପାଇଁ ତାଙ୍କୁ ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। ୨୦୨୨ରେ ଜମ୍ମୁ-କଶ୍ମୀର ସରକାର ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ରେ କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଏକ ଘରୋଇ କମ୍ପାନୀକୁ ଦିଆଯିବାରେ ଅନିୟମିତତା ଅଭିଯୋଗ ହୋଇଥିଲା। ସିବିଆଇ ଚେନାବ ଭ୍ୟାଲି ପାୱାର ପ୍ରୋଜେକ୍ଟର ପୂର୍ବତନ ଅଧ୍ୟକ୍ଷ ନବୀନ କୁମାର ଚୌଧରୀ ଓ ଅନ୍ୟ ପୂର୍ବତନ ଅଧିକାରୀମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

ଆଜି ଦେଶବ୍ୟାପୀ...

ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମିକ, କୃଷକ ଏବଂ କର୍ମଚାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମୋଦି ସରକାର ଆନ୍ଦୋଳନରତ କୃଷକ ଓ ଯୁବକମାନଙ୍କୁ ଦେଶର ଶତ୍ରୁ ଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଥିସହ କର୍ପୋରେଟରଙ୍କ ବିକାଶ ଲକ୍ଷ୍ୟରେ ଏତେ ଗଭୀର ଭାବରେ ଯୋଡ଼ି ହୋଇଛନ୍ତି ଯେ, ସେମାନେ କୃଷକ ଏବଂ ଯୁବକମାନଙ୍କୁ ହତ୍ୟା କରିବା ପାଇଁ ଦ୍ୱିଧା ପ୍ରକାଶ କରୁନାହାନ୍ତି ବୋଲି ମଞ୍ଚ ଅଭିଯୋଗ କରିଛି।

ଆଜିଠୁ ଶ୍ରୀମନ୍ଦିର...

ବୈଠକରେ ଏନେଇ ଆଲୋଚନା କରାଯାଇଛି ବୋଲି ଗଡ଼ନାୟକ କହିଛନ୍ତି।

ସୂଚନା ଅନୁସାରେ, ହାଇକୋର୍ଟ ଗତ ନଭେମ୍ବର ୧୫ ତାରିଖ ଶୁଣାଣିରେ ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍କ୍ୟୁରି ଏହି କାମର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏଏସ୍ଆଇକୁ ଏଥିପାଇଁ ସହଯୋଗ ଯୋଗାଇ ଦେବ। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଦିଅଁ ଦର୍ଶନ କରିବା ନେଇ ଅସୁବିଧାରେ ନ ପଡ଼ନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଓ ଶ୍ରଦ୍ଧାଳୁ ଦର୍ଶନ ଉଭୟ କାର୍ଯ୍ୟ ଠିକ୍ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ।

୩ ବର୍ଷ ବଢ଼ିଲା...

ଅତିରିକ୍ତ ୨୭.୩୭ କୋଟି ଟଙ୍କାର ବାର୍ଷିକ ଆର୍ଥିକ ବ୍ୟୟ ବହନ କରିବେ। ସେହିପରି ନୂତନ ସହାୟତା ପ୍ରାପ୍ତ ଅଣ-ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ସଂସ୍କୃତ ଟୋଲ୍‌ର ଯୋଗ୍ୟ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ କରାଯିବ। ନୂତନ ସହାୟତାପ୍ରାପ୍ତ ୬୨୭ ବେସରକାରୀ ହାଇସ୍କୁଲ ଏବଂ ୩୯ ସଂସ୍କୃତ ଟୋଲର ୧୦୦% ଅନୁଦାନ ପାଉଥିବା ପ୍ରାୟ ୭୭୯୬ ଶିକ୍ଷକ ଏବଂ କର୍ମଚାରୀ ଏହି ବର୍ଦ୍ଧିତ ଅନୁଦାନ ଦ୍ୱାରା ଉପକୃତ ହେବେ। ଉଚ୍ଚ ଶିକ୍ଷା ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୩ଟି ବିଭାଗର ମୋଟ ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପ୍ରୀତି ନ କରିବ ରାଣ୍ଡରେ,
ଗୀତ ନ ଗାଇବ ଦାଣ୍ଡରେ;
ମାଡ଼ ନ ମାରିବ ମୁଣ୍ଡରେ,
ବିଶ୍ୱାସ ନ ଯିବ ଗଣ୍ଡରେ।

ବିଧବା ମହିଳାଙ୍କ ସହ ଅବୈଧ ସମ୍ପର୍କ ରଖିବା ଶାସ୍ତ୍ର ବିରୋଧୀ। ଦାଣ୍ଡରେ ଗୀତ ଗାଇବା ଅଶୋଭନୀୟତାର ଲକ୍ଷଣ ହୋଇଥାଏ। ମୁଣ୍ଡରେ ମାଡ଼ ବସିଲେ ମୃତ୍ୟୁ ଆଶଙ୍କା ରହିଥାଏ। ସେହିପରି ଗଣ୍ଡର ଗଭୀରତା ନ ଜାଣି ତାକୁ ହାଲକା ଭାବରେ ଗ୍ରହଣ କରିବା ଅନୁଚିତ ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

ପୁଷେ ଖଇ, ମାଘେ ଦହି,
ଚଇତେ ନିମ ଚକୁଳି ଖାଇ।

ପୌଷ ମାସରେ ଖଇ ଖାଇବା ଭଲ। ସେହିପରି ମାଘ ମାସରେ ଦହି ଓ ଚୈତ୍ର ମାସରେ ନିମ୍ବ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

CANCELLATION OF BID

No.MM-468:- The bid for the Works Advertised vide No. ADVT 08125IPR, Bhubaneswar on Dt.12.02.2024 i.e., "Purchase of Camera Traps-70 Nos. & Drone Camera 1 No. for use in Athmallik Forest Division" (Tender Notice No. 836/1F/2024 Dt.12.02.2024) is hereby cancelled.

Sd./- Divisional Forest Officer
Athmallik Division
OIPR-08125/11/0021/2324

No.B-1792

OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

Email- eedklpwd@gmail.com

INVITATION FOR BIDS THROUGH e-Procurement
Bid Identification No. SEDKL (R&B) 59/2023-24
Invitation for Bids

1.	The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below.		
2.	Nature of work	:	Building works (2 Nos) & Road Work (1 No)
3.	No. of work	:	03 Nos.
4.	Bid Cost	:	₹ 10,000/-
5.	Class of Contractor	:	'B' Class
6.	Availability of Bid Documents in the website	:	From 10.00 AM of 21.02.2024 to 5.00 PM of 06.03.2024
7.	Date of Opening of Bid	:	Dt.07.03.2024 at 11.00 A.M.
8.	The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.		

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0048/2324

No.L-234:

ବିଜ୍ଞାପନ

ଏତଦ୍ୱାରା ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ସହକାରୀ କୃଷି ଅଧିକାରୀ, ଥୁଆମୂଳ ରାମପୁରଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଅତିରିକ୍ତ ସଚିବ, କୃଷି ବିଭାଗ, ଓଡ଼ିଶାଙ୍କ ଆଦେଶ ସଂଖ୍ୟା ୨୫୫୮୯ ତା.୨୨.୧୨.୨୦୨୧ ରିଖ ଅନୁଯାୟୀ ଆପଣଙ୍କୁ କୃଷି ଜିଲ୍ଲା ଅଧିକାରୀ, ଭବାନୀପାଟଣାଙ୍କ ଅଧୀନକୁ ଥୁଆମୂଳ ରାମପୁର ସହକାରୀ କୃଷି ଅଧିକାରୀ ଭାବରେ ବଦଳି ହୋଇଥିଲା ଏବଂ ଆପଣ ତା.୧.୧.୨୦୨୨ ରିଖ ଦିନ ଥୁଆମୂଳ ରାମପୁର ସହକାରୀ କୃଷି ଅଧିକାରୀ ଭାବରେ ଏହି କାର୍ଯ୍ୟାଳୟରେ ଯୋଗଦାନ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ଓଜିଏଫ୍ଆର୍-୨ ଏହି କାର୍ଯ୍ୟାଳୟରେ ଦାଖଲ କରିନାହାନ୍ତି । ଆପଣ ଡାକ ଯୋଗେ ତା.୧୪.୦୭.୨୦୨୨ ରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଛୁଟି ଦରଖାସ୍ତ ଦାଖଲ କରିଥିଲେ । ଆପଣ ଚିଠିରେ ଦେଇଥିବା ଠିକଣା ଯଥା- ପ୍ଲଟ ନମ୍ବର- ୫୦୨, ଗଣେଶ ମନ୍ଦିର ସାମନା, ବାଲିତୋଟା ସାହି, ନୟାପଲ୍ଲୀ, ଭୁବନେଶ୍ୱର ଅନୁଯାୟୀ ଏହି କାର୍ଯ୍ୟାଳୟ ତରଫରୁ ବିଭିନ୍ନ ଚିଠି ଓ ସିଡିଆଇ ସମନ ପଠାଯାଇଥିଲେ ମଧ୍ୟ ଡାକ ବିଭାଗ ତରଫରୁ "ଏହି ଠିକଣାରେ ସେ ବ୍ୟକ୍ତି ରହୁନାହାନ୍ତି" ମନ୍ତବ୍ୟ ଦେଇ ଫେରସ୍ତ ହେଉଛି ।

ଏଣୁ, ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ପୁନର୍ବାର ନିର୍ଦ୍ଦେଶ ଦିଆଯାଉଅଛି କି ଯେ, ଆପଣ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ଭିତରେ ଏହି କାର୍ଯ୍ୟାଳୟରେ ଯୋଗ ନ ଦେଲେ ଆପଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- କୃଷି ଜିଲ୍ଲା ଅଧିକାରୀ, ଭବାନୀପାଟଣା
OIPR-01526/11/0001/2324

GOVERNMENT OF ODISHA

No.C-3148

OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR AT CHATRAPUR

E-mail:eephchpr@gmail.com

NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

Sl.No.	Name of Work	Bid Identification No.	Estimated Cost (Rs. in Lakh)	Period of Completion	Availability of Bid document for online bidding From	To	Name & address of office inviting Bid
1	2	3	4	5	6	7	8
1	External power supply, internal wiring with power backup arrangement in connection with the work "improvement of water supply to Ganjam NAC under AMRUT 2.0 (Swap-II) Reach-IV	Identification No. 78/03/SPH (C)/ 2023-24 dt.13.02.2024	68.48	3 (Three) Calendar Months	11.00 Hrs. of 17.02.2024	17.30 Hrs. of 02.03.2024	Superintending Engineer, P.H. Division, Bhanjanagar at Chatrapur

The Technical Bid shall be opened on dt.04.03.2024 at 11.00 AM. Further details can be seen from the e-Procurement portal https://www.tenderorissa.gov.in.

Sd./- Superintending Engineer (PH), P.H. Division, Bhanjanagar, at Chatrapur
OIPR-13172/11/0023/2324

COLLEGE OF AGRICULTURE

No.KK-415:

ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR, ODISHA- 751003

Email: deanca@ouat.ac.in
No.796/CA, Date:20.02.2024

TENDER NOTICE

Sealed tenders are invited on behalf of OUAT from reputed stakeholders/companies/consultancy agencies for Supply, Installation, Running and Accreditation of Laboratory for Pesticide Residue and Heavy Metal Analysis of Soil, Water and Rice Grains by NABL on Turnkey Basis at central instrumentation facility (CIF), OUAT, Bhubaneswar. The tender documents with details of the terms and conditions and important information can be obtained from the OUAT website www.ouat.ac.in from date 20.02.2024. The sealed tender document containing technical and financial bid along with the non refundable tender fee and EMD as specified in the tender document should reach Dean, College of Agriculture, OUAT, Bhubaneswar office by speed post/ courier on or before date 06.03.2024 (5.00 pm). The technical bid and the financial bid are to be submitted separately in sealed cover. The technical bids will be opened on date 07.03.2024 at 11.00 am and financial bids of the successful technical bidders will be opened on date 12.03.2024 at 11.00 am.

OIPR-01036/11/0052/2324 **Sd./- DEAN, CA Cum Chairman PMT**

Notice No.812 Date: 17.02.24

TENDER CALL NOTICE FOR SUPPLY OF DRUGS & MEDICAL CONSUMABLES

No.E-860:- Sealed tenders are invited from different bidders having valid GST Registration & Drug Licence for supply of items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website www.dhenkanal.nic.in, which may be downloaded for reference. Interested parties may submit their offers in sealed covers superscirbing as "Tender for supply of Drugs & Medical Consumables in reference to Advertisement No.810 dt.17.2.24" to the undersigned through registered post / speed post only, which should reach on or before 5.00 P.M. of dt.18.03.2024 positively and will be opened on next day at 11.00 A.M. by District Purchase Committee at Office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM & PHO, Denkanal shall have no responsibility for any delay / omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum-District Mission Director, Dhenkanal
OIPR-10059/11/0020/2324

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୯ ତା:୧୩।୨।୨୦୨୪

ବିଜ୍ଞାପନ

No. CAD-4239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

କ୍ର.ନଂ.	ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିକଟରେ ଥିବା ଜିମ୍ନାଷ୍ଟିକ ଷ୍ଟାଡିୟମକୁ ବୁଲି ଦେଖିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ପାଣ୍ଡିଆନ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ଜିଲାରେ ବହୁ ଦକ୍ଷତାପୂର୍ଣ୍ଣ ଖେଳାଳି ରହିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ହକି ଖେଳାଳିଙ୍କ ପାଇଁ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ଷ୍ଟାଡିୟମ ହକି ଖେଳାଳିଙ୍କ ପାଇଁ ଉତ୍ସର୍ଗ କରିଥିବାବେଳେ ଅନ୍ୟ ଆଥ୍‌ଲେଟ୍‌ଙ୍କ ପାଇଁ ମଧ୍ୟ ଇଣ୍ଡୋର ଷ୍ଟାଡିୟମ, ସୁଇମିଂ ପୁଲ୍ କରିଛନ୍ତି। ତେଣୁ ଜିମ୍ନାଷ୍ଟିକ୍ ଖେଳର ଭରପୁର ଫାଇଦା ନେଇ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ପାଣ୍ଡିଆନ ଖେଳାଳିଙ୍କୁ ଆହ୍ୱାନ ଦେଇଥିଲେ। ପରେ ସେ ପାନପୋଷ ସ୍ପୋର୍ଟସ ହଷ୍ଟେଲକୁ ଯାଇ ସେଠାରେ ହକି ଖେଳ ପାଇଁ ରହିଥିବା ସୁବିଧା, ରୋଷେଇ ଗୃହ, ଶିକ୍ଷା, ଖାଦ୍ୟ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ଏହାପରେ ସେ ପାନପୋଷ ସ୍ପୋର୍ଟସ ହଷ୍ଟେଲ ଛାତ୍ରୀଛାତ୍ରୀମାନଙ୍କ ସହ ଖାଦ୍ୟ ଖାଇଥିଲେ। ସେହିପରି ପାନପୋଷ ହଷ୍ଟେଲ ଦାୟିତ୍ୱରେ ଥିବା କୋଚ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

କୋଚ୍‌ଙ୍କ ସହ ପରିଚିତ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ।

ଆୟର୍ଲାଣ୍ଡକୁ ପରାସ୍ତକଲା ଅଷ୍ଟ୍ରେଲିଆ

ରାଉରକେଲାରେ ପୁରୁଷ ପ୍ରୋ ଲିଗ୍ ମ୍ୟାଚ

ରାଉରକେଲା,୨୨।୨
(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପୁରୁଷ ହକି ପ୍ରୋ ଲିଗ୍‌ରେ ଗୁରୁବାର ଅଷ୍ଟ୍ରେଲିଆ ଦଳ ୪-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ମ୍ୟାଚ୍‌ର ୩୩ ମିନିଟ୍‌ରେ ବ୍ଲାକେ ଗୋଭରର୍ସ ପ୍ରଥମ ପେନାଲ୍‌ଟିରେ ଆୟର୍ଲାଣ୍ଡ ବିପକ୍ଷରେ ଗୋଟିଏ ଗୋଲ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ଆୟର୍ଲାଣ୍ଡ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଦଳର ଫରୱାର୍ଡ ଖେଳାଳି ବାରମ୍ବାର ଆୟର୍ଲାଣ୍ଡ ଉପରେ ଚାପ ପକାଇ ଖେଳର ତୃତୀୟ କ୍ୱାର୍ଟରର ୪୦ ମିନିଟ୍‌ରେ ନାଥନ ଇଫିହରମର୍ସ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ମାରିଥିଲେ। ଏହି ଗୋଲ୍‌ର ପରିଶୋଧ ନେବାକୁ ଯାଇ ଆୟର୍ଲାଣ୍ଡ ଦଳର ଫରୱାର୍ଡ ଖେଳାଳି ପେନାଲ୍‌ଟି ସୁଯୋଗ ପାଇ ଖେଳର ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ ସେନ୍ ଓଡନୋଗୁୟି ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଗୋଲ ମାରିଥିଲେ। ପରେ ଉକ୍ତ ମ୍ୟାଚରେ ଅଷ୍ଟ୍ରେଲିଆ ୧୩ଟି ପେନାଲ୍‌ଟି ସୁଯୋଗ ପାଇ ସେଥିରୁ ୩ଟି ଗୋଲରେ ପରିବର୍ତ୍ତନ କରିପାରିଥିବାବେଳେ ଗୋଟିଏ ଫିଲ୍ଡ ଗୋଲ ମାରିଥିଲା। ଅଷ୍ଟ୍ରେଲିଆ ଦଳ ମ୍ୟାଚ୍‌ର ଶେଷ କ୍ୱାର୍ଟରର ୫୨ ମିନିଟ୍‌ରେ ଫରୱାର୍ଡ ଖେଳାଳି ବ୍ଲାକ୍ ଗୋଭର୍ସ ଆୟର୍ଲାଣ୍ଡ ବିପକ୍ଷରେ ତୃତୀୟ ଗୋଲ ମାରିଥିବାବେଳେ ଶେଷ ସମୟର ୫୬ ମିନିଟ୍‌ରେ ଜ୍ୟାକ୍ ୱେସ୍ ଗୋଟିଏ ଗୋଲ ମାରି ଦଳକୁ ୪-୧ ଗୋଲରେ ବିଜୟୀ କରିଥିଲେ। ଏହି ମ୍ୟାଚରେ ଜ୍ୟାକ୍ ୱେଲବ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଷ୍ଟ୍ରେଲିଆ ଦଳ ସମୁଦାୟ ୬ଟି ମ୍ୟାଚ୍‌ରେ ୬ଟି ବିଜୟୀ ହୋଇ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବାବେଳେ ଆୟର୍ଲାଣ୍ଡଦଳ ୯ମ ସ୍ଥାନରେ ରହିଛି।

ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଫୁଟ୍‌ବଲର ଆଲ୍‌ଭେସ୍‌ଙ୍କୁ ୪ ବର୍ଷ ୬ ମାସ ଜେଲଦଣ୍ଡ

ଯୌନ ନିର୍ଯ୍ୟାତନା ମାମଲା

ବାର୍ସିଲୋନା, ୨୨।୨ (ଏପି)

ଜଣେ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ଅଭିଯୋଗରେ ବାର୍ସିଲୋନାର ଏକ କୋର୍ଟ ଗୁରୁବାର ଷ୍ଟାର ଫୁଟ୍‌ବଲ ଖେଳାଳି ଡାନି ଆଲଭେସ୍‌ଙ୍କୁ ୪ ବର୍ଷ ୬ ମାସ ଜେଲଦଣ୍ଡ ପ୍ରଦାନ କରିଛନ୍ତି। ୩ ବିଚାରପତିଙ୍କୁ ନେଇ ଏକ ପ୍ୟାନେଲ ଚଳିତ ମାସରେ ୩ ଦିନ ଧରି ଏହି ମାମଲାର ଶୁଣାଣି କରିଥିଲା। କୋର୍ଟ ଆଲଭେସ୍‌ଙ୍କୁ ଡକାଇ ତାଙ୍କ ରାୟ ଓ ଦଣ୍ଡ ବିଧାନ ଶୁଣାଇଥିଲେ। ପୀଡ଼ିତାଙ୍କ ଓକିଲ ଇଷ୍ଟର ଗାର୍ସିଆ ଚଳିତ ସପ୍ତାହରେ କହିଥିଲେ ରାୟ ପ୍ରଦାନ ବେଳେ ସେ ଓ ତାଙ୍କ ମହକିଲ ଉପସ୍ଥିତ ରହିବେ ନାହିଁ। ପୀଡ଼ିତା ଜଣଙ୍କ ଯୌନ ସମ୍ପର୍କ ରଖିବାକୁ ରାଜି ନ ଥିଲେ। ତାଙ୍କୁ ଜବରଦସ୍ତି ବଳାତ୍କାର କରାଯାଇଛି। ଏହାର ଯଥେଷ୍ଟ ପ୍ରମାଣ ରହିଥିବା କୋର୍ଟ ତାଙ୍କ ରୁଲିଂରେ ଜଣାଇଛନ୍ତି। କୋର୍ଟ ଆହୁରି ମଧ୍ୟ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧,୫୦,୦୦୦ ୟୁରୋ(୧୬୨,୦୦୦ ଡଲାର) ଏବଂ ମାମଲା ବାବଦରେ ଖର୍ଚ୍ଚ ଆଲଭେସ୍‌ଙ୍କୁ ଦେବା ଲାଗି କହିଛନ୍ତି। ଜଲେ ଦଣ୍ଡ ଶେଷ ହେବା ପରେ ୪୦ ବର୍ଷୀୟ ଆଲଭେସ୍‌ଙ୍କ ଉପରେ ନଜର ରଖାଯିବ। ଏହି ସମୟ ମଧ୍ୟରେ ସେ ପୀଡ଼ିତାଙ୍କ ନିକଟକୁ ଯାଇପାରିବେ ନାହିଁ କି ତାଙ୍କ ସହିତ ଯୋଗାଯୋଗ କରିପାରିବେ ନାହିଁ। କୋର୍ଟରେ ଦର୍ଶାଯାଇଥିଲା ପୀଡ଼ିତାଙ୍କୁ ଆଲଭେସ୍ ୨୦୨୨ ଡିସେମ୍ବର ୩୧ ସକାଳେ ବାର୍ସିଲୋନା ଅନ୍ତର୍ଗତ ଏକ ନାଇଟ କ୍ଲବର ଗାଧୁଆ ଘରେ ବଳାତ୍କାର କରିଥିଲେ। ଅନ୍ୟପକ୍ଷରେ ଆଲଭେସ୍ କୋର୍ଟରେ ତାଙ୍କ ବୟାନରେ ଦର୍ଶାଇଥିଲେ, ସେ ମହିଳାଙ୍କୁ ବଳାତ୍କାର କରିନାହାନ୍ତି। ସେ ସେଭଳି ଚରିତ୍ରର ଲୋକ ନୁହନ୍ତି। କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରାଯାଇ ପାରିବ। ଷ୍ଟେଟ୍ ପ୍ରୋସିକ୍ୟୁଟର କାର୍ଯ୍ୟାଳୟ କହିଛି କୋର୍ଟଙ୍କ ରାୟର ଅଧ୍ୟୟନ ପରେ ଅପିଲ କରାଯିବ କି ନା ତାହା ବିଚାର କରାଯିବ।

ନେଦରଲାଣ୍ଡ୍ସ ବିଜୟୀ

ଦ୍ୱିତୀୟ ମ୍ୟାଚ ନେଦରଲାଣ୍ଡ୍ସ ଓ ସ୍ପେନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନେଦରଲାଣ୍ଡ୍ସ ଦଳ ୪-୩ ଗାଲରେ ସ୍ପେନକୁ ପରାସ୍ତ କରିଛି। ୨ମିନିଟ୍‌ରେ ସ୍ପେନ ଦଳର ଫରୱାର୍ଡ ଖେଳାଳି ବ୍ରୋଜା ଲେକଲି ଗୋଟିଏ ଫିଲ୍ଡ ଗୋଲ ମାରି ୧-୦ ଗୋଲରେ ଦଳକୁ ଆଗୁଆ ରଖିଥିଲେ। ନେଦରଲାଣ୍ଡ୍ସ ୧୧ ମିନିଟ୍‌ରେ ପେନାଲ୍‌ଟି ସୁଯୋଗ ପାଇ ଜିପ ଜନ୍‌ସେନ୍ ଦଳ ପକ୍ଷରୁ ପ୍ରଥମ ଗୋଲ୍ ମାରି ବରାବର କରିଥିଲେ। ପରେ ଖେଳର ଦ୍ୱିତୀୟ କ୍ୱାର୍ଟରର ୨୨ ମିନିଟ୍‌ରେ ନେଦରଲାଣ୍ଡ୍ସର ଥେରି ବ୍ରିଙ୍କମ୍ୟାନ ସ୍ପେନ ବିପକ୍ଷରେ ଦ୍ୱିତୀୟ ଫିଲ୍ଡ ଗୋଲ୍ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିବାବେଳେ ତୃତୀୟ କ୍ୱାର୍ଟରର ୩୧ମିନିଟ୍‌ରେ ଜିପ ଜନ୍‌ସେନ୍ ପେନାଲ୍‌ଟି ସୁଯୋଗ ପାଇ ୩ୟ ଗୋଲ ସ୍ପେନ ବିପକ୍ଷରେ କରିଥିଲେ। ଖେଳର ତୃତୀୟ କ୍ୱାର୍ଟରର ୩୪ ମିନିଟ୍‌ରେ ନେଦରଲାଣ୍ଡ୍ସ ଦଳର ଗୁସ୍ ଜନ୍‌ସେନ୍ ସ୍ପେନ ବିପକ୍ଷରେ ୪ର୍ଥ ଗୋଲ ମାରି ଦଳକୁ ୪-୧ରେ ଆଗୁଆ ରଖିଥିଲେ। କିନ୍ତୁ ସ୍ପେନ ଦଳ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ଚତୁର୍ଥ କ୍ୱାର୍ଟର ୫୧ ମିନିଟ୍‌ରେ ପୋଲ କେବ୍ରି ଭେରଡିଲ ନେଦରଲ୍ୟାଣ୍ଡ ବିପକ୍ଷରେ ଦ୍ୱିତୀୟ ଫିଲ୍ଡ ଗୋଲ କରିଥିବାବେଳେ ଖେଳର ଶେଷ ୫୪ ମିନିଟ୍‌ରେ ସ୍ପେନ ପେନାଲ୍‌ଟି ସୁଯୋଗ ପାଇ ଜୋସ୍ ବେସ୍‌ଟ୍ରିରା ନେଦରଲାଣ୍ଡ୍ସ ବିପକ୍ଷରେ ତୃତୀୟ ଗୋଲ କରି ମ୍ୟାଚରେ ପରାଜିତ ହୋଇଥିଲା।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, February 23/2024 Page 20 ₹ 7.00 | DHENKANAL

DSPL-701

ODISHA
INDIA'S BEST KEPT SECRET.
ଆମ ଓଡ଼ିଶା
ନବୀନ ଓଡ଼ିଶା

୬୬୦ କୋଟି ଟଙ୍କା
ମୂଲ୍ୟର କ୍ରୀଡ଼ା ଭିତ୍ତିଭୂମିର ଶୁଭ ଉଦ୍‌ଘାଟନ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ

ଦ୍ୱାରା

୨୩ ଫେବୃଆରୀ, ୨୦୨୪
ଭୁବନେଶ୍ୱର

କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ

- ରାଜ୍ୟରେ ୪୮ଟି ଇନ୍‌ଡୋର୍ ଷ୍ଟାଡ଼ିୟମ
- ୧୨ଟି ହକି ପ୍ରଶିକ୍ଷଣ କେନ୍ଦ୍ର
- କଟକ ଟେବୁଲ ଟେନିସ୍ ଏକାଡେମୀ ଓ ରାଉରକେଲା ଜିମ୍ନାଷ୍ଟିକ୍ ଏକାଡେମୀ
- କଟକରେ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, କେନ୍ଦ୍ରାପଡା ଆଳିରେ ମହିଳା ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, ଦେବଗଡ଼ରେ ହକି ପ୍ରଶିକ୍ଷଣ କେନ୍ଦ୍ର ଆଦିର ଶିଳାନ୍ୟାସ

OIPR-29001/13/0235/2324

" କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ଶକ୍ତି "

କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ | କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ

DSPL-701

ଶୁଭ ଉଦ୍‌ଘାଟନ

୧୨ଟି ହକି ପ୍ରଶିକ୍ଷଣ କେନ୍ଦ୍ର

୪୮ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ

ଟେବୁଲ ଟେନିସ୍ ଏକାଡେମୀ,
କଟକ

ଜିମ୍ନାଷ୍ଟିକ୍ ଏକାଡେମୀ,
ରାଉରକେଲା

ବହୁମୁଖୀ ଇନ୍‌ଡୋର୍ ହଲ,
ଭବାନୀପାଟଣା

ଭିତ୍ତିପ୍ରସ୍ତର ସ୍ଥାପନ

ହକି ପ୍ରଶିକ୍ଷଣ କେନ୍ଦ୍ର,
ଦେବଗଡ଼

ମହିଳା ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର,
ଆଳି, କେନ୍ଦ୍ରାପଡ଼ା

ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ
ରେମୁଣା, ବାଲିଗୁଡା, କରଞ୍ଜିଆ ଓ ଟିଟିଲାଗଡ଼

ଇନ୍‌ଡୋର୍ ସୁଇମିଂ ପୁଲ,
ଭଦ୍ରକ

ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର,
କଟକ

OIPR-29001/13/0236/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ | Bhubaneswar, Friday, February 23/2024 | ପୃଷ୍ଠା-୧

ଏସ୍‌ଟି ତାଲିକାରେ ମେଇତିଙ୍କୁ ସାମିଲ ନିର୍ଦ୍ଦେଶ ରଦ୍ଦ

ମଣିପୁରରେ ଜାତିଆଣ ହିଂସା ବେଳର ଫାଇଲ ଫଟୋ

ଇମ୍ଫାଲ,୨୨।୨(ପି.ଟି.)

ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ସାମିଲ ନିମନ୍ତେ ରାଜ୍ୟ ସରକାର ବିଚାର କରିବା ପାଇଁ ଗତବର୍ଷ ମାର୍ଚ୍ଚରେ ମଣିପୁର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ରଦ୍ଦ କରି ଦେଇଛନ୍ତି। ଗତବର୍ଷର ରାୟ ଭୁଲ୍ ଥିଲା ବୋଲି ହାଇକୋର୍ଟ ସ୍ୱୀକାର କରିବା ସହ ଏହା ଆଇନର ଭୁଲ୍ ତର୍ଜମା ବୋଲି କହିଛନ୍ତି। ସମ୍ପୃକ୍ତ ଅନୁଚ୍ଛେଦ ସୁପ୍ରିମକୋର୍ଟ ସାମ୍ବିଧାନିକ ପୀଠଙ୍କ ଆଭିମୁଖ୍ୟର ବିରୁଦ୍ଧାଚରଣ କରୁଥିବା ଦର୍ଶାଇ ତାହାକୁ ହଟାଇ ଦେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ମଣିପୁରର ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ ନିମନ୍ତେ ବିଚାର କରିବା ପାଇଁ ୨୦୨୩ ମାର୍ଚ୍ଚ ୨୭ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ରାଜ୍ୟର କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ବିବାଦ ରାଜ୍ୟରେ ଜାତିଆଣ ହିଂସାରେ ପରିଣତ ହେବା ସହ କ୍ରମେ ଉଗ୍ର ରୂପ ଧାରଣ କରିଥିଲା। ଏହି ହିଂସାରେ ୨୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ଅନେକ ଆହତ ହୋଇଥିଲେ। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇ ଯାଇଥିଲେ।

ଜଷ୍ଟିସ୍ ଗୋଲମେଇ ଗୈଫୁଲଶିଲୁଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଏକ ରିଭ୍ୟୁ ପିଟିଶନ୍‌ର ଶୁଣାଣି କରିବାବେଳେ ପୂର୍ବ ନିର୍ଦ୍ଦେଶନାମାକୁ ରଦ୍ଦ କରିଦେଇଛନ୍ତି। ଗତବର୍ଷ ରାୟର ଉକ୍ତ ପାରାରେ ଉଲ୍ଲେଖ ଥିଲା ମେଇତି ବା ମେଇତି ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ସାମିଲ କରିବା ଲାଗି ଆବେଦନକାରୀଙ୍କ ମାମଲାକୁ ରାଜ୍ୟ ସରକାର ବିଚାର କରିବେ। ନିର୍ଦ୍ଦେଶନାମା ପାଇବାର ୪ ସପ୍ତାହ ମଧ୍ୟରେ ତାହା ଉପରେ ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ତେବେ ଅନୁସୂଚିତ ଜନଜାତି ତାଲିକାରେ ସଂଶୋଧନ ସମ୍ପର୍କିତ ନିଷ୍ପତ୍ତି ନେବା ଭାରତ ସରକାରଙ୍କ କାର୍ଯ୍ୟ ବୋଲି ବିଚାରପତି କହିବା ସହ ଉକ୍ତ ନିର୍ଦ୍ଦେଶନାମାକୁ ହଟାଇଦେବାକୁ ରାୟ ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ବନାମ ମିଲିନ୍ଦ ଓ ଅନ୍ୟମାନଙ୍କ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କହିଥିଲେ, ଅନୁସୂଚିତ ଜନଜାତି ତାଲିକାରେ ଅଦାଲତ ପରିବର୍ତ୍ତନ କିମ୍ବା ସଂଶୋଧନ କରିପାରିବେ ନାହିଁ। ହାଇକୋର୍ଟ ତାଙ୍କର ୧୯ ପୃଷ୍ଠାର ରାୟରେ କହିଛନ୍ତି, ଅନୁସୂଚିତ ଜନଜାତି ନିର୍ଦ୍ଧାରଣରେ ନ୍ୟାୟିକ ହସ୍ତକ୍ଷେପର ଆଇନଗତ ସୀମା ରହିଛି, ଯାହା ୨୦୦୦ ନଭେମ୍ବରରେ ସାମ୍ବିଧାନିକ ପୀଠ ଧାର୍ଯ୍ୟ କରିଥିଲେ। ତେଣୁ ନିର୍ଦ୍ଦିଷ୍ଟ ଜାତି କିମ୍ବା ଉପଜାତି, ଜନଜାତି ବା ଉପଜନଜାତି ସମ୍ପର୍କିତ ମାମଲାର ବିଚାର ଲାଗି ଅଦାଲତ ନିଜ ବିଚାର ସୀମା ଅତିକ୍ରମ କରିପାରିବେ ନାହିଁ ଏବଂ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୭ ରାୟ ବିରୋଧରେ ଅପିଲ କରିବା ପାଇଁ ହାଇକୋର୍ଟ ଗତବର୍ଷ ଅକ୍ଟୋବରରେ ମଣିପୁରର ଆଦିବାସୀ ସଂଗଠନଗୁଡ଼ିକୁ ଅନୁମତି ଦେଇଥିଲେ। ଫଳରେ ଅଲ୍ ମଣିପୁର ଟ୍ରାଇବାଲ ୟୁନିୟନ ପକ୍ଷରୁ ହାଇକୋର୍ଟରେ ଅପିଲ କରାଯାଇଥିଲା। ଗତ ଜାନୁଆରୀ ୨୦ରେ ହାଇକୋର୍ଟ ରିଭ୍ୟୁ ପିଟିଶନକୁ ଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ।

ରାୟ ଫେରାଇ ନେଲେ ମଣିପୁର ହାଇକୋର୍ଟ

ଜାତିଆଣ ହିଂସାରେ ଯାଇଛି ୨୦୦ରୁ ଉର୍ଦ୍ଧ୍ୱ ଜୀବନ

ବାଇଡେନ୍‌ଙ୍କ ହିଂସ୍ର 'କମାଣ୍ଡର'

ସିକ୍ରେଟ ଏଜେଣ୍ଟଙ୍କୁ ୨୪ ଥର କାମୁଡ଼ିଛି

ୱାଶିଂଟନ, ୨୨।୨

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କୁକୁର 'କମାଣ୍ଡର' ସିକ୍ରେଟ ସର୍ଭିସ ଏଜେଣ୍ଟମାନଙ୍କୁ ୨୪ ଥର କାମୁଡ଼ିଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବାଇଡେନଙ୍କ ଅଙ୍ଗରକ୍ଷୀମାନଙ୍କ ସହ ଏହି ଜର୍ମାନ ଶେଫର୍ଡ କୁକୁରର ଦୌରାତ୍ମ୍ୟ ନେଇ ଆମେରିକା ଗୁପ୍ତ ସେବା ଅଭିଲେଖାଗାରରେ ଉଲ୍ଲେଖ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ପୂର୍ବରୁ ୨୦୨୩ ଜୁନ୍‌ରେ ରାଷ୍ଟ୍ରପତିଙ୍କ ସୁରକ୍ଷାରେ ନିୟୋଜିତ ସିକ୍ରେଟ ସର୍ଭିସ ଦାୟିତ୍ୱରେ ଥିବା ଅଧିକାରୀ ପ୍ରଥମ ଥର ପାଇଁ ନିଜ ଆଭିମୁଖ୍ୟ ବଦଳାଇଥିବା ପ୍ରକାଶ କରିଛନ୍ତି ଜଣେ ବରିଷ୍ଠ ଏଜେଣ୍ଟ। ସେତେବେଳେ 'କମାଣ୍ଡର' ଯୋଗୁ ଏଜେଣ୍ଟମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଦର୍ଶାଇ ଏହା ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଥିବା କହିଥିଲେ ଆମେରିକା ସିକ୍ରେଟ ସର୍ଭିସର ଅଧିକାରୀ । ଏଜେଣ୍ଟମାନଙ୍କ ସୁରକ୍ଷା ପାଇଁ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ଅଧିକ କୋଠରି ଦେବାକୁ ନିବେଦନ କରିଥିବା ସହ ଏଜେଣ୍ଟମାନଙ୍କୁ ସେ କମାଣ୍ଡର ପ୍ରତି ସତର୍କ ହେବା ପାଇଁ ସୁଚାଇଥିଲେ। ହ୍ୱାଇଟହାଉସ ପକ୍ଷରୁ ଏହି କୁକୁର କମାଣ୍ଡରକୁ ବାହାର କରାଯିବାର କିଛିଦିନ ପୂର୍ବରୁ ଆମେରିକୀୟ ସିକ୍ରେଟ ସର୍ଭିସ ପକ୍ଷରୁ ଏହି ଚେତାବନୀ ଜାରି ହୋଇଥିବା ଏବେ ପ୍ରକାଶ ପାଇଛି। ଆମେରିକାର 'ଫ୍ରିଡମ୍ ଅଫ୍ ଇନଫର୍‌ମେଶନ ଆକ୍ଟ' ଜରିଆରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୨ ଅକ୍ଟୋବରରୁ ୨୦୨୩ ଜୁଲାଇ ମଧ୍ୟରେ କମାଣ୍ଡର କାମୁଡ଼ାରେ ୨୪ ଜଣ ସିକ୍ରେଟ ଏଜେଣ୍ଟ ଆହତ ହୋଇଛନ୍ତି। ସିକ୍ରେଟ ଏଜେଣ୍ଟମାନଙ୍କର ହାତ, ଗୋଡ଼, ଜଂଘ, କାନ୍ଧ, ଅଣ୍ଡା, ଛାତି ଆଦିରେ ବାଇଡେନଙ୍କ ଏହି କୁକୁର କାମୁଡ଼ିଥିଲା। ତେବେ ଏହି ତଥ୍ୟରେ ହ୍ୱାଇଟ ହାଉସରେ ଥିବା ଅନ୍ୟ କର୍ମଚାରୀ ମାନେ ସାମିଲ ନ ଥିବାରୁ ଏହି ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା ରହିଛି।

DSPL-696

ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର

ମା' ଓ ଶିଶୁଙ୍କ ଉତ୍ତମ ପୁଷ୍ଟି ସାଧନ ଓ ସ୍ୱାସ୍ଥ୍ୟରକ୍ଷାକୁ ଗୁରୁତ୍ୱ
'ମମତା ଯୋଜନା'ରେ **୫୫** ଲକ୍ଷରୁ ଉର୍ଦ୍ଧ୍ୱ ମା'ମାନଙ୍କୁ ମିଳିଛି
₹୧୦,୦୦୦ର ଆର୍ଥିକ ସହାୟତା

ମମତା

'ମମତା ଯୋଜନା'ର ବୈଶିଷ୍ଟ୍ୟ

- ମମତା ଯୋଜନା ପାଇଁ **₹୫୨୧** କୋଟିର ବ୍ୟୟବରାଦ
- ମାତୃ ଓ ଶିଶୁ ମୃତ୍ୟୁହାର କମ୍ କରିବା ଦିଗରେ **ଉଦାହରଣ ସାଜିଛି ଓଡ଼ିଶା**

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0401/2324

ଦୁର୍ଘଟଣାଜନିତ ବର୍ଦ୍ଧିତ ମୃତ୍ୟୁକୁ ନେଇ ଉଦ୍‌ବେଗ

ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୨୨।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଗୁରୁବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗତ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ଗତ ଜାନୁଆରୀରେ ଜିଲାରେ ମୋଟ ୩୭ ଦୁର୍ଘଟଣା ଘଟିଥିବା ବେଳେ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ଓ ୪ଜଣ ସାମାନ୍ୟ ଆହତ ହୋଇଛନ୍ତି। ୯୮୨ ଜଣ ବିନା ହେଲମେଟ, ୪୭ ବିନା ସିଟବେଲ୍ଟ ଓ ୬୪୨ ଜଣଙ୍କ ଠାରୁ ଦ୍ରୁତ ଗାଡ଼ି ଚାଳନା ପାଇଁ ଜରିମାନା ଆଦାୟ କରାଯାଇଥିବା ବେଳେ ୧୮୫ ଜଣଙ୍କ ଲାଇସେନ୍ସ ନିଲମ୍ବନ ଓ ୨୫ଟି ଗାଡ଼ି ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ତେବେ ଦିନକୁ ଦିନ ବଢୁଥିବା ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଘଟିଥିବା ଦୁର୍ଘଟଣାଗୁଡ଼ିକ ମଧ୍ୟରୁ ଅଧିକାଂଶ ବେପରୁଆ ଗାଡ଼ି ଚାଳନା ଯୋଗୁ ହୋଇଥିବାରୁ ପୋଲିସ ଓ ପରିବହନ ଅଧିକାରୀ ମିଳିତ ଚଢ଼ାଉ କରିବା ସହ ଯାନବାହନ, ହେଲମେଟ, ସିଟ୍‌ବେଲ୍ଟ ଆଦିର ଯାଞ୍ଚ କଡ଼ାକଡି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ରାଜପଥର ଖରାପ ସ୍ଥାନ ଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୫୫ନଂ ଜାତୀୟ ରାଜପଥର ବଅଁରପାଳ ଛକରୁ ରକ୍ତଲେଇ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଚାଲୁଥିବାରୁ ଭାରିଯାନ ଚଳାଚଳ କଟକଣାକୁ ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ ବଢ଼ାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରୀ ମହାନ୍ତି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକ, ସଂଗ୍ରାମ ରଞ୍ଜନ ଦାସ ଓ ଟ୍ରକ୍ ମାଲିକ ସଂଘ ସଭାପତିମ୍ବିକା ପ୍ରସାଦ ଭଞ୍ଜଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ

ଅନୁଗୋଳ,୨୨।୨ (ଅମିତ କୁମାର ସାମଲ)

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଅନୁଗୋଳ ସଞ୍ଜୀବନୀ ଆୟୁର୍ବେଦ ଭବନ ତରଫରୁ ଏକ ସ୍ୱର୍ଣ୍ଣପ୍ରାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୁର୍ବେଦିକ ଡାକ୍ତର ପ୍ରଦୀପ କୁମାର ମିଶ୍ର ଉପସ୍ଥିତ ରହି ସ୍ୱର୍ଣ୍ଣପ୍ରାଶନ ଔଷଧ ଶିଶୁମାନଙ୍କୁ ପ୍ରଦାନ କରିଥିଲେ।

ପ୍ରତିମାସର ପୁଷ୍ୟା ନକ୍ଷତ୍ରରେ ଏହି ଔଷଧ ସେବନ ଦ୍ୱାରା ଶିଶୁମାନଙ୍କର ସ୍ମରଣ ଶକ୍ତି ତଥା ମେଧାଶକ୍ତି ବୃଦ୍ଧି ହେବାରେ ସହାୟକ ହୋଇଥାଏ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ତଥା ଆୟୁର୍ବେଦ ଭବନର ସହାୟକ କୃଷ୍ଣଚନ୍ଦ୍ର ମିଶ୍ର ଓ ସନ୍ତୋଷ ପାତ୍ରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୫୫ଜଣ ଶିଶୁ ଏହି ଔଷଧ ସେବନ କରିଥିଲେ।

‘ପ୍ରଦୂଷଣମୁକ୍ତ ପରିବେଶ ନାଗରିକଙ୍କ ଅଧିକାର’

ତାଳଚେର,୨୨।୨(ମନୋଜ ନନ୍ଦ)

ଦୁର୍ନୀତିମୁକ୍ତ ଶାସନ ଓ ପ୍ରଦୂଷଣମୁକ୍ତ ପରିବେଶ ନାଗରିକଙ୍କ ଅଧିକାର। ସ୍ୱାଧୀନତା ସଂଗ୍ରାମୀ କସ୍ତୁରବା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ତାଳଚେରର ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ପରିବେଶବିତ୍ ତଥା ଆଇନଜୀବୀ ବାଉରୀବନ୍ଧୁ ବେଜଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା ଅରେନ ପାଣି, ଦେବୀ ପ୍ରସାଦ ପୃଷ୍ଟି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାମନ୍ତ, ଏଏପି ନେତା ରଞ୍ଜିତ କୁମାର ମହାପାତ୍ର, ପୂର୍ବତନ କାଉନସିଲର ଜିତେନ୍ଦ୍ର ଦାସ, କଂଗ୍ରେସ ନେତା ହରେକୃଷ୍ଣ ମହାପାତ୍ର, ନିରାକାର ସାମଲ, ଶ୍ରୀକାନ୍ତ ସାହୁ ପ୍ରମୁଖ ପଥପ୍ରାନ୍ତ ସଭାରେ ଯୋଗଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା, ନିଶା ନିବାରଣ ଏବଂ ନାଗରିକ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଫାଷ୍ଟଗେଟ୍‌ଠାରେ ପହଞ୍ଚିଥିଲା। ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରଣଜିତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

ମହାବୀର ମନ୍ଦିରର ରତ୍ନମୁଦ ଉତ୍ସବ

ଓଡ଼ାପଡ଼ା,୨୨।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ନଟାପୋଖରୀ ନିକଟରେ ଜଙ୍ଗଲୀ ମହାବୀର ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ ହୋଇଛି। ଏହି ଅବସରରେ ହୋମଯଜ୍ଞ, ଭଜନ କୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଅଞ୍ଚଳବାସୀ ରତ୍ନମୁଦରେ ଧାନ, ସୁନା, ରୁପା, ଗୁଆ ଏବଂ ବିଭିନ୍ନ ଧାତୁ ଦ୍ରବ୍ୟ ପକାଇ ନିଜକୁ ଧନ୍ୟ ମଣିଥିଲେ। ପ୍ରସାଦସେବନରେ ସମସ୍ତ ଆବାଳ ବୃଦ୍ଧ ବନିତା ସାମିଲ ହୋଇଥିଲେ।

ପ୍ରତିବାଦରେ ବ୍ଲକ୍‌ରେ ସରପଞ୍ଚଙ୍କ ଧାରଣା

ସରପଞ୍ଚଙ୍କୁ ସହଯୋଗ କରୁନାହାନ୍ତି ବିଡିଓ

ବଇଣ୍ଡା,୨୨।୨(ପରିକ୍ଷିତ ସାହୁ)

ଧାରଣାରେ ସାମିଲ ହୋଇଥିବା ସରପଞ୍ଚମାନେ।

କିଶୋରନଗର ବ୍ଲକର କେତେଜଣ ସରପଞ୍ଚଙ୍କୁ ବିକାଶ କାର୍ଯ୍ୟରେ କିଶୋରନଗର ବିଡିଓ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି। ୫-ଟିରେ ଅନେକ ପଞ୍ଚାୟତରେ ବହୁ ପ୍ରକଳ୍ପର କାର୍ଯ୍ୟ ହୋଇଥିଲେ ମଧ୍ୟ ଆକ୍ରୋଶ ମନୋଭାବ ରଖି କିଶୋରନଗର ବିଡିଓ ବିଲ୍ ପାସ କରୁ ନ ଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ବୁଧବାର କିଶୋରନଗର ବ୍ଲକର ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ଠେଲକନାଳି ସରପଞ୍ଚ ଅମିତ ସାହୁ, ଝରାବେରେଣୀ ସରପଞ୍ଚ ଶରତ ପ୍ରଧାନ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର, ଗାଁ ବଇଣ୍ଡା ସରପଞ୍ଚ ସସ୍ମିତା ସେଠୀ, ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ବିଲେଇନାଳି ସରପଞ୍ଚ ବବିତା ପ୍ରଧାନ, ସଞ୍ଜାମୁରା ସରପଞ୍ଚ କମଳା ପ୍ରଧାନ, ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନ, ଓସ୍କାପାଲି ସରପଞ୍ଚ ବିଜୟିନୀ ସାହୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ସରପଞ୍ଚମାନେ କହିଛନ୍ତି, ସରକାରଙ୍କ ବର୍ତ୍ତମାନ ହେଉଥିବା ସମସ୍ତ କାର୍ଯ୍ୟ ପଞ୍ଚାୟତ ଗୁଡିକରେ କରାଯାଉଛି। ବିଶେଷକରି ରଥ ପ୍ରକଳ୍ପ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ପ୍ରତ୍ୟେକ ପଞ୍ଚାୟତକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଅନୁଦାନ ଦିଆଯାଉ ନାହିଁ। ସରପଞ୍ଚମାନେ ବିଭିନ୍ନ ସ୍ଥାନରୁ ଉଦ୍ଧାରରେ ଟଙ୍କା ଆଣି କାର୍ଯ୍ୟକ୍ରମ କରିଥିବାବେଳେ ବ୍ଲକ ପ୍ରଶାସନ ବିଲ୍ କରିବା ପାଇଁ ଅମଙ୍ଗ ହେଉଛନ୍ତି। କିଛି ବ୍ଲକ ଅଧିକାରୀମାନେ ହାତ ଗୁଞ୍ଜା ମାଗିବା ସହ ବିଡିଓ ବିଲ୍ କରିବାରେ ବିଳମ୍ବ କରୁଛନ୍ତି। ସେହିପରି ଦୀର୍ଘ ୯ ମାସ ହେବ ସମିତି ବୈଠକ କରାଯାଉ ନାହିଁ। ଏପରିକି ବ୍ଲକରେ ଅନେକ ଦୁର୍ନୀତି କରାଯାଉଥିବା ଯୋଗୁ ସମିତି ବୈଠକରେ କାଳେ ଧରା ପଡିଯିବ ସେ ନେଇ ବ୍ଲକ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ସମିତି ବୈଠକ କରୁ ନ ଥିବା କେତେକ ସରପଞ୍ଚ ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କ ବିଲ୍ କରିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା ଯାହା ବିଲ୍ ରହିଛି ଖୁବ୍‌ଶୀଘ୍ର ପାସ କରାଯିବ କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

ଆଗ୍ନିକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଆଠମଲ୍ଲିକ,୨୨।୨ (ଉଦୀପ୍ତ ପୁରୋହିତ)

୨ ଦଫା ଦାବି ପୂରଣ ନିମନ୍ତେ ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡ଼ିଚାଳକ ଓ ହାବିଲଦାରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ଆଠମଲ୍ଲିକରେ ମଧ୍ୟ ଅଗ୍ନିଶମ ବାହିନୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ୨ ଦିନରେ ପହଞ୍ଚିଛି। ଆଠମଲ୍ଲିକରେ ୧ ଡ୍ରାଇଭର, ୨ ହାବିଲଦାର ଓ ୬ ଆଗ୍ନିକ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡିଛି। ଦାବିପୂରଣ ନିମନ୍ତେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆ ଯାଇଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ଆନ୍ଦୋଳନରେ ଭାଗ ନେବା ପାଇଁ ବାଧ୍ୟ ହେଲୁ ବୋଲି ଅଗ୍ନିଶମ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି।

ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ, ୨୨।୨ (ଅମିତ କୁମାର ସାମଲ)

ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ରୁଦ୍ର ପ୍ରସାଦ ମହାପାତ୍ର ମାମଲାର ଅଭିଯୁକ୍ତ ଦେବଗଡ଼ ଜିଲା କୁଣ୍ଢେଇଗୋଳ ଥାନା ଅଞ୍ଚଳର ପ୍ରଦୀପ ନାଏକ(୩୯)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଅଧିକ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନାବାଳିକାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ଦେବଗଡ଼ ଜିଲାର ପ୍ରଦୀପ ଅନୁଗୋଳ ଜିଲାର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରଦୀପ ପୂର୍ବରୁ ବିବାହିତ ଥିବାବେଳେ ତାଙ୍କର ୨ଟି ସନ୍ତାନ ରହିଥିଲେ। ତେବେ ପ୍ରଦୀପଙ୍କ ସ୍ତ୍ରୀ ୨୦୧୪ ନଭେମ୍ବର ୧୬ରେ ସ୍ୱାମୀଙ୍କ ଏପରି ସମ୍ପର୍କ କଥା ଜାଣି କଣିହାଁ ଥାନାରେ ସ୍ୱାମୀଙ୍କ ନାମରେ ନଭେମ୍ବର ୨୧ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୦୯/୧୪ରେ ମାମଲା ରୁଜୁ କରି ପ୍ରଦୀପଙ୍କୁ ଗିରଫ କରିଥିଲା। ତେବେ ଏ ନେଇ କୋର୍ଟରେ ବିଚାର ଚାଲିଥିବା ସମୟରେ ମୋଟ ୧୯ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ପଟ୍ଟାନୟକ ପରିଚାଳନା କରିଥିଲେ।

OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA
E-maill: pwdoff_khd@yahoo.com
Notice No. RFP-682 the date 7.2.24
No.B-1778: NOTICE INVITING REQUEST FOR PROPOSAL
Bid Identification No.57/2023-24

1	1. Executive Engineer, Khordha(R&B) Division, Khordha, Odisha on behalf of Government of Odisha now invites sealed RFP in double cover system from eligible bidder under the selection process for Consultancy Services for preparation of Detailed Project Report (DPR) for "Proposed Construction of Dharmshala and Hostel Building at Jatni, Khordha, Odisha" to be received in online mode for package detailed in the table below		
2	Nature of Work	:	Preparation of Detailed Project Report (DPR)
3	No. of Work	:	01 No.
4	Bid Cost	:	Rs.10,000/-
5	Class of Contractor	:	Experienced and registered Consulting firms
6	Availability of Bid documents in the website	:	From 11.30 AM of Dt.15.02.2024 to 05.30 PM of dt.26.02.2024
7	Deadline for Submission of Pre Proposal/ Pre-Bid Queries	:	Dt.21.02.2024
8	Last dt. of online Submission	:	Dt.26.02.2024 upto 5.30 PM
9	Date of Opening of Bid	:	Dt.27.02.2024 at 11.30 AM
10	The Bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.		

OIPR-34095/11/0038/2324 Sd./- Executive Engineer, Khordha (R&B) Division, Khordha

GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA
E Mail: rw_rourkela@yahoo.co.in
TENDER CALL NOTICE
BID IDENTIFICATION NO.ONLINE-SERKL-34 OF 2023-24
No.O-2605: Name of the Work: Building Works, 2. Total No. of Works: 12 (Twelve) Nos., 3.Estimated Cost: Rs. 37.75 Lakhs. 4. Class of Contractor: "C" & "B" Class. 5. Period of Completion: 08 (Eight) Months. 6. Type of Tender: Single Cover. 7. Other details:

Procurement Officer	Bid Identification No.	Availability of tender Online for bidding		Last Date & Time of seeking tender clarification	Date & Time of Opening of Tender
		From	To		
1	2	3	4	5	6
Superintending Engineer, Rural Works Division, Rourkela	Online-SERKL -34 of 2023-24	23.02.2024 from 10.00 A.M.	28.02.2024 upto 05.00 PM	27.02.2024 upto 1.00 P.M.	29.02.2024 at 11.00 A.M.

Further details can be seen from the website www.tendersorissa.gov.in. & for more information please visit the office.
OIPR-25193/11/0016/2324 Sd./- Superintending Engineer, R.W.Division-II, Sundargarh

Office of the Executive Engineer, Support Services Division
2nd Floor, Dam Safety Building, Secha Sadan, Bhubaneswar - 751001
E-mail :eessdivision@gmail.com
QUOTATION CALL NOTICE NO.18/2023-24
No.A-1578: Sealed quotations are invited from eligible Firms, Suppliers and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 29.02.2024, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 22.02.2024 to 03.00 PM of 29.02.2024 on payment of Rs.100 /- (Rupees One Hundred) only

Sl. No.	Name of Work	Item	Paper Cost (Non Refundable)	Quotation Call Notice No
1	Procurement of Desktop Computer, UPS, Printer, Multifunction Printer and Monitor for the official use of different officers in the O/o Engineer-in-Chief, WR,BBSR.	5 Nos.	Rs. 100.00	18(1)/2022-23
2	Procurement of Tablet Computer and Hard Disk for different officers under Chief Engineer, ISWI in the O/o the EIC, WR, BBSR.	2 Nos.	Rs. 100.00	18(2)/2022-23

Sd./- Executive Engineer
OIPR-32465/11/0022/2324 Support Services Division, Bhubaneswar

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE No. O-2562
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore
"e"-Procurement Notice for Road Work | Identification No. Online Tender-Road N.C.B. No. 81 of 2023-24.
Letter No. 752 Date: 16.02.2024
1. Name of the work :- **MMSY-Improvement to existing RD Road.** 2. Total No. of work :- **1 No. of work.** 3. Estimated Cost :- **From Rs.475.07 (Approximately).** 4. Eligible Class of Contractor :- **As per annexure.** 5. Period of Completion :- **As per annexure.** 6. Other Details:-

Procurement Officer	Bid Identification No.	Availability of Tender online for bidding		Last Date & Time of seeking tender clarification	Date & Time of Opening of Tender in O/o S.E., R.W. Circle, Balasore	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Balasore	N.C.B. No. - 81	22.02.2024 at 11.00 A.M.	06.03.2024 upto 5.00 P.M.	04.03.2024 upto 5.00 P.M.	07.03.2024 at 11.00 A.M.	Will be intimated later

• Further details can be seen from the website www.tendersodisha.gov.in
Sd./- Chief Construction Engineer, R.W. Circle, Balasore
OIPR-25105/11/0107/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA
e-mail:eerwsskld@gmail.com, eerwss_kld@nic.in, Phone No.06670-230784
INVITATION OF BID THROUGH e-TENDERING
Bid Identification No.90/SE/RWSS/2023-24/Bpt, Dated 19.02.2024
No.O-2577:01.Name of the Work: As per Annexure-A

Procurement Officer	Bid Identification No.	Availability of tender online for bidding on office hour only		Date of Opening (Technical Bid)
		From	To	
1	2	3	4	5
Superintending Engineer, Kalahandi RWS&S Division, Bhawanipatna	90/SE/RWSS/2023-24/Bpt, Dated 19.02.2024	23.02.2024 10.00 A.M.	01.03.2024 05.30 PM	02.03.2024 10.00 AM onwards

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents schould be scanned and uploaded.
Sd./-Superintending Engineer, Kalahandi RWS&S Division, Bhawanipatna
OIPR-25005/11/0018/2324

GOVT. OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
DRAINAGE CIRCLE, UNIT-8, BHUBANESWAR-751012
E-PROCUREMENT NOTICE NO.ACEDC-BBSR-10/2023-24
No.A-1577: email id:sedrainagebbsr12@gmail.com

1.	Total Number of Works	:	2 No. of works as mentioned, below.
2.	Name of Works	:	1.IMPROVEMENT TO DRAINAGE SYSTEM OF CHINGUDI NALLA AND ITS STRUCTURES UNDER CHIKITI ASSEMBLY CONSTITUENCY OF GANJAM DISTRICT. 2. IMPROVEMENT TO MACHHUA NALLA AND ITS STRUCTURES IN DOAB- XVII UNDER SANAKHEMUNDI ASSEMBLY CONSTITUENCY IN GANJAM DISTRICT.
3.	Estimated Cost	:	1. Rs.2,97,09,793.00 2. Rs.1,13,76,048.00
4.	Bid Identification No.	:	ACEDC-BBSR/DD-BAM-22/2023-24 ACEDC-BBSR/DD-BAM-23/2023-24
5.	Period of Completion	:	11 (Eleven) Calendar Months
6.	Class of Contractor	:	'B' & 'A' Class (Odisha PWD or relevant class of other licensing Authority)
7.	Date and Time of availability of Bid document in the portal	:	23.02.2024, 11.00 Hours to 11.03.2024, 17.00 Hours
8.	Date and Time of receipt of Bids in the Portal	:	23.02.2024, 11.00 Hours to 11.03.2024, 17.00 Hours
9.	Last date and time of receipt of Bids in the Portal	:	11.03.2024, 17.00 Hours
10.	Date of Opening of Technical Bid	:	12.03.2024 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar
11.	Date of Opening of Financial Bid	:	To be uploaded in Portal after evaluation of technical bids
12.	Date of Lottery (if required)	:	To be intimated to the responsive bidders through their Registered E-mail IDs
13.	Bid Security	:	1. Rs.2,97,098.00 2.Rs.1,13,760.00
14.	Cost of Tender Paper	:	Rs.10,000/-
15.	Procurement Officer	:	Additional Chief Engineer, Drainage Circle, Unit-8, Bhubaneswar-751012

Further details can be seen from the Govt. website www.tendersorissa.gov.in. Addendum/ Corrigendum/Cancellation if any required will be published only in Govt. website www.tendersorissa.gov.in.
Sd./- Additional Chief Engineer
OIPR-32375/11/0011/2324 Drainage Circle, Bhubaneswar

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL
No.585 Dt.20.02.2024
E-mail:sencrwangul@yahoo.co.in, Phone:06764-236404
SHORT TENDER CALL NOTICE FOR ROAD & BRIDGE WORK IN ODISHA
Bid Identification No. Road Online AGL-47/2023-24
No.O-2580:1. Name of the Work : Road Works, 2. Total No. of Work : 1 No., 3. Estimated Cost: Rs.994.38 Lakhs. 4. Class of Contractor: As per Annexure. 5. Period of Completion : As per Annexure. 6. Other details:

Procurement Officer	Bid Identification No.	Availability of Tender online for bidding		Last date & time of seeking tender clarification	Date & Time of Opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Angul	Road Online- AGL-47/2023-24	22.02.24 at 10.00 A.M.	28.02.24 upto 4.30 PM	27.02.24 upto 1.00 P.M.	28.02.24 upto 5.00 P.M.	Will be intimated Separately

For detailed Notice inviting Tenders, please visit to the website www.tendersorissa.gov.in.
OIPR-25180/11/0075/2324 Sd./- Chief Construction Engineer, Rural Works Circle, Angul

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E Mail ID: rw_rourkela@yahoo.co.in
TENDER CALL NOTICE
BID IDENTIFICATION NO.ONLINE-SERKL-32 OF 2023-24
No.O-2582: Name of the Work: Road Works, 2. Total No. of Works: 03 (Three) Nos., 3.Estimated Cost: Rs. 18.48 to 20.33 Lakhs. 4. Class of Contractor: "C" & "B" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

Procurement Officer	Bid Identification No.	Availability of tender Online for bidding	
		From	To
1	2	3	4
Superintending Engineer, Rural Works Division-II, Sundargarh	Online-SERKL-32 of 2023-24	22.02.2024 from 10.00 A.M.	27.02.2024 upto 5.00 P.M.

Further details can be seen from the website www.tendersodisha.gov.in.
Sd./- Superintending Engineer
OIPR-25193/11/0013/2324 R.W.Division-II, Sundargarh

Short Tender Call Notice
PURCHASE OF AIR CONDITIONER
At:Head Office, Bhubaneswar
Bid Identification No.DGM/OAIC-37/E&I/2023-24 **Date:20.02.2024**
The Odisha Agro Industries Corporation Ltd.
(A Govt. of Odisha Undertaking)
Regd.H.O.:95-Satyanagar, Bhubaneswar-751007, Tel:(0674)-2570687, Email:oaicho@orissaagro.com
QUOTATION CALL NOTICE
No.CAD-4232: Sealed quotation in conformity with technical specification, term & conditions in quotation documents are invited from Authorised Dealer/ Supplier for supply, fitting and fixing of Air-conditioner (1.5 T and 2.0T). The details are as follows:

Items	Quantity Required	Specification Details
Air Condititoner (Split AC- 5 Nos)	2.0 Ton: 2 Nos. 1.5 Ton : 3 Nos.	BEE Star:3 Technology of AC: Variable Speed Unit Mounting Arrangement: Indoor Unit-Wall mount. Material Evaporator: Copper Material Condenser: Copper, AC Machine warranty (in year) 1 Year Warranty on compressor (In year): 10 Installation: Standard installation

The sealed quotation will be reached to the office of undersigned on or before dt.27.02.2024 upto 5.00 PM. The undersigned reserves the right to accept/ reject any/ all application (s) without assigning any reasons thereof.
Sd./- DY.GENERAL MANAGER (E&I)
Sd./- Asst. Engineer (E&I) OIPR-01047/11/0068/2324

ଦଲିଲ ଲେଖକ ସଂଘର ଧାରଣା

କାମାକ୍ଷାନଗର,୨୨।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଚଳିତବର୍ଷ ଜାନୁଆରୀ ମାସଠାରୁ ପାଟ୍ ପ୍ଲଟ୍ ରେଜିଷ୍ଟ୍ରେଶନ ବନ୍ଦ ରହିଛି। ଏହାର ପ୍ରତିବାଦରେ କାମାକ୍ଷାନଗର ଦଲିଲ ଲେଖକ ଓ ମୋହରି ସଂଘ ପକ୍ଷରୁ ଧାରଣା ଆରମ୍ଭ ହୋଇଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, କୌଣସି ପ୍ରଜାର ଆବଶ୍ୟକ ପଡିଲେ ଲୋକେ ନିଜ ବ୍ୟକ୍ତିଗତ ଜମିକୁ ବିକ୍ରି କରିଥାନ୍ତି। ମାତ୍ର କାମାକ୍ଷାନଗର ସବ୍‌ରେଜିଷ୍ଟ୍ରାର ଲୋକେଶ କୁମାର ରଥ ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ ଥିବା ବ୍ୟକ୍ତି ଜମିର କିଛି ଅଂଶ ବିକ୍ରି କରିବାକୁ ଚାହିଁଲେ ସେ ଏହାକୁ ଅଗ୍ରାହ୍ୟ କରି ସମସ୍ତ ଜାଗା ବିକ୍ରି କଲେ ଜମି ରେଜିଷ୍ଟ୍ରେଶନ ହେବ ବୋଲି କହି ସାଧାରଣ ପ୍ରଜାଙ୍କୁ ଫେରାଇ ଦେଉଛନ୍ତି। ସମଗ୍ର ଓଡିଶା ଏପରିକି ଢେଙ୍କାନାଳ ଜିଲାର ସମସ୍ତ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ଏପରି ଆଇନ ଲାଗୁ ହେଉ ନ ଥିବାବେଳେ କାମାକ୍ଷାନଗରରେ ବ୍ୟତିକ୍ରମ ହୋଇଛି ଓ ଅଧିକାରୀ ଜାଣିଶୁଣି କ୍ରେତା ଓ ବିକ୍ରେତାଙ୍କୁ କାର୍ଯ୍ୟାଳୟରୁ ଫେରାଇ ଦେଉଛନ୍ତି। ଏ ନେଇ କାମାକ୍ଷାନଗର ଦଲିଲ ଲେଖକ ଓ ମୋହରିର ସଂଘ ପକ୍ଷରୁ ପ୍ରତିବାଦ କରି ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘ ସଭାପତି ରବିନାରାୟଣ ସାମଲଙ୍କ ନେତୃତ୍ୱରେ ଉପସଭାପତି ଅଖିଳ କୁମାର ମହାପାତ୍ର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ରମାକାନ୍ତ ତ୍ରିପାଠୀ, ଆଇନ ପରାମର୍ଶଦାତା ଦୋଳଗୋବିନ୍ଦ ବେହେରା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାସ, ଅଜୟ ପଟ୍ଟନାୟକ, ଅକ୍ଷୟ ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ଧାରଣାରେ ବସିଥିବା ଦଲିଲ ଲେଖକ ଓ ମୋହରି ସଂଘର ସଦସ୍ୟ।

ମା' ମଙ୍ଗଳା ଜନ୍ମ ବାର୍ଷିକ ଉତ୍ସବ

ପରଜଙ୍ଗ,୨୨।୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ଅଧୀନ ମୁକ୍ତାପସି ଗ୍ରାମରେ ମାଘ ତ୍ରୟୋଦଶୀ ତିଥି ଗୁରୁବାର 'ମଙ୍ଗଳା' ମା'ଙ୍କ ଚତୁର୍ଥ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମର ମହିଳାମାନେ ଗୋଡି ପୋଖରୀରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରି ମଙ୍ଗଳା ମନ୍ଦିର ନିକଟରେ ପହଞ୍ଚି ଥିଲେ। ଏହି ଆଧାମ୍ରିକ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ପ୍ରାକ୍ତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁ, ସାମାଜିକ କର୍ମୀ ଶ୍ରବଣ କୁମାର ସାହୁ, ବିଭୁତି ଭୂଷଣ ପ୍ରଧାନ, ଦିଲୀପ ସାହୁ, ଠାକୁରାଣୀ ପୂଜକ କ୍ଷେତ୍ରବାସୀ ସାହୁଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶେଷରେ ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା।

୧୧୭୬ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଭୁବନ,୨୨।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ନୂତନ ଭତ୍ତା ବଣ୍ଟନ ହୋଇଛି। ବ୍ଲକର ୧୧୭୬ ଜଣ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଏହି ସୁବିଧାରେ ସାମିଲ କରାଯାଇଥିଲା। ଏହି ଅବସରରେ ବ୍ଲକର ସୁରପ୍ରତାପପୁର, ଗଡନୃସିଂହ ପ୍ରସାଦ, କୁନିଦା ଆଦି ପଞ୍ଚାୟତରେ ଭତ୍ତା ବଣ୍ଟନ କରାଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଏଥିସହ ଜାତୀୟ ଖାଦ୍ୟ ଯୋଜନା ଓ ରାଜ୍ୟ ଖାଦ୍ୟ ଯୋଜନାରେ ସାମିଲ ଥିବା ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ବଣ୍ଟନ ଶୁଭାରମ୍ଭ କରିଥିଲେ। ଭୁବନ ବ୍ଲକର ୧୮ଟି ପଞ୍ଚାୟତରେ ଥିବା ୨୪,୩୨୧ଟି ରାଶନକାର୍ଡ ଧାରୀ ପରିବାରଙ୍କୁ ୧୦୦୦ ଟଙ୍କା ସହାୟତା ପ୍ରଦାନ କରିବାକୁ ମଞ୍ଜୁର କରାଯାଇ ବଣ୍ଟନ ଆରମ୍ଭ କରାଯାଇଛି। ଭୁବନ ବ୍ଲକ ଅଧକ୍ଷା ସିପ୍ରା ବରାଳ, ବିଡିଓ କଲ୍ୟାଣ ସୌରଭ ଦାସ ଓ ସମସ୍ତ ପଞ୍ଚାୟତର ସରପଞ୍ଚଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ।

ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟମାନେ।

କାମାକ୍ଷାନଗର,୨୨।୨
(ସୁଧୀର ପରିଡ଼ା)

କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତ ଠାରେ ଗୁରୁବାର ନୂତନ ମାର୍କେଟ କମ୍ପ୍ଲେକ୍ସ ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବାବେଳେ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ସହ ନୂତନ ଭାବେ ୭୦ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ ଯୋଗ ଦେଇଥିଲେ। ସାରୁଆଳି ସରପଞ୍ଚ ମଦନଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ସାରୁଆଳି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ ଓ ଭତ୍ତା ହିତାଧିକାରୀ ଯୋଗ ଦେଇଥିଲେ।

ଆଶ୍‌ପଣ୍ଡ ଧୂଳିରେ ଅସ୍ତବ୍ୟସ୍ତ ବଇଣ୍ଡାବାସୀ

ବଇଣ୍ଡା,୨୨।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାଠାରେ କିଛିଦିନ ହେବ ଆଶପଣ୍ଡରୁ ପାଉଁଶ ଉଡୁଥିବାରୁ ଅଞ୍ଚଳବାସୀ ଘରୁ ବାହାରି ପାରୁନାହାନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ବଇଣ୍ଡା ଅଞ୍ଚଳବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ବଇଣ୍ଡା ଅଞ୍ଚଳରେ କିଛିବର୍ଷ ହେବ ଫ୍ଲାଏ ଓଭର ବ୍ରିଜ୍ କାମ ଚାଲୁ ରହିଛି। ୨୦୧୮ ମସିହା ମେ'ରେ ଏହି ଅଞ୍ଚଳରୁ ଜାତୀୟ ରାଜପଥ କାମ ପାଇଁ ଉଚ୍ଛେଦ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ରାସ୍ତା କାମ ସମାପ୍ତ ହୋଇପାରୁ ନାହିଁ। ୨୦୨୨ ମସିହାରୁ ଫ୍ଲାଏ ଓଭର ବ୍ରିଜ କାମ ଆରମ୍ଭ ହୋଇଥିବାବେଳେ ମାତ୍ର ୪୦ ପ୍ରତିଶତ କାମ ସରିନାହିଁ। ଫ୍ଲାଏ ଓଭର ବ୍ରିଜରେ ଏବେ ଆଶପଣ୍ଡ ପାଉଁଶ ପକାଯାଉଥିବାବେଳେ ପାଣି ପକାଯାଉ ନ ଥିବା ଯୋଗୁ ସାମାନ୍ୟ ପବନ ବହିଲେ ପାଉଁଶ ଉଡୁଥିବା ଦେଖାଦେଇଛି। ପାଉଁଶ ଉପରେ ମାଟି ପକାଯାଉ ନ ଥିବା ଯୋଗୁ ସାମାନ୍ୟ ପବନ ବହିଲେ ରାସ୍ତା ସାରା ପାଉଁଶ ଉଡି ରାସ୍ତା ପୁରା ଅନ୍ଧାରମୟ ହୋଇଯାଉଛି। ଏପରିକି ପାଉଁଶ ଉଡି ଅନେକ ଚାଷ ଜମିରେ ପଡିବା ସହ ଖୋଲା କୂଅରେ ପଡୁଥିବା ଯୋଗୁ ଅନେକ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏପରିକି ଲୋକେ ପାଉଁଶ ଗୁଣ୍ଡ ମିଶା ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ଠିକାସଂସ୍ଥା ପକ୍ଷରୁ ଉକ୍ତ ପାଉଁଶ ଗୁଡିକରେ ପାଣି ପକାଯାଉ ନ ଥିବା ଯୋଗୁ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ପାଉଁଶ ଉପରେ ମାଟି ପକାଇ ସମତଳ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିବା ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଠିକାସଂସ୍ଥା ପରିଚାଳକ ଜି ଦାସ କହିଛନ୍ତି, ପଦକ୍ଷେପ ନିଆଯିବ।

କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପରଜଙ୍ଗ,୨୨।୨(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ଗଣପତି କ୍ରିକେଟ୍ କ୍ଲବ ଶାନ୍ତିନଗର ପକ୍ଷରୁ ଚାଲିଥିବା ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କୁମୁସି ଏବଂ ରେଣ୍ଟାପାଟ ମଧ୍ୟରେ ଖେଳାଯାଇଥିଲା। ରେଣ୍ଟାପାଟ ବ୍ୟାଟିଂ କରି ୮୦ କରିଥିଲା। ଜବାବରେ କୁମୁସି ୮୧ ରନ୍ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ ବିଜୁ ଯୁବ ଜନତା ଦଳ ଉପସଭାପତି ସୁନୀଲ କୁମାର ପାଣି ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ରାଜା ନାୟକ, ହାପି ନାୟକ ପରିଚାଳନା କରିଥିଲେ। ଗ୍ରାମର ଅବିନାଶ ନାୟକ, ବିଶାଳ ନାୟକ, ବାପି ନାୟକ, ଗୌତମ ପ୍ରଧାନ, ଚନ୍ଦନ ନାୟକ, କାଳିଆ ନାୟକ, ସମ୍ବିତ ନାୟକ, ସୁବ୍ରତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. 262/OSOU/2024 Dt. 22.02.2024

EMPLOYMENT NOTICE

Applications are invited from Retired Professor(s), Associate Professor(s) and Assistant Professor(s) for appointment on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) Political Science, Odia, History, Economics, English, Sanskrit, Commerce, Management, Computer Science (Cyber Security), Rural Development, Journalism and Mass Communication, Hindi, Sociology and Public Administration.

Others with Ph.D or without Ph.D may also apply for consideration for engagement as Guest Faculty.

For details of terms and conditions and application form, please visit **www.osou.ac.in**. The filled-in application may be submitted Online or Offline complete in all respect along with supporting documents by **13th March, 2024, 5 p.m.** to the Registrar, Odisha State Open University, Sambalpur.

Sd-
Registrar I/c

ବ୍ୟାଗ୍, ସହାୟତା ଅର୍ଥ ପ୍ରଦାନ

କଣିହାଁ,୨୨।୨(ସଚ୍ଚିତାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ରାଶନ କାର୍ଡ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଗ୍ ଓ ସହାୟତା ଅର୍ଥ ପ୍ରଦାନ କରାଯାଇଛି। ପଞ୍ଚାୟତ ଅଧୀନସ୍ଥ ବିଜିଗୋଳ ଗ୍ରାମର ରିଟେଲର ପ୍ରମିଳା ସାହୁଙ୍କଠାରୁ ୧୯୦ ଜଣ ହିତାଧିକାରୀ, ବାରଡାଙ୍ଗା ରିଟେଲର ଶିବରାମ ସାହୁଙ୍କ ନିକଟରୁ ୯୦ ଜଣଙ୍କୁ ବ୍ୟାଗ ଓ ସହାୟତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨ଟି ଲେଖାଏ ବ୍ୟାଗ ସହିତ ଆର୍ଥିକ ସହାୟତା ୧୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସରପଞ୍ଚ ରୁକ୍ମଣୀ ପ୍ରଧାନ, ଯୋଗାଣ ବିଭାଗ ନିରୀକ୍ଷକ ଅଧିକାରୀ କ୍ରିଷ୍ଣା ଭାରତୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ପ୍ରଧାନ ପ୍ରମୁଖଙ୍କ ସହିତ ବିଜେଡି ଯୁବନେତା ସୁନୀଲ କୁମାର ପ୍ରଧାନ, ନିର୍ମଳ ସାହୁ, ସୁରଥ ସାହୁ, ବରିଷ୍ଠ ବିଜେଡି କର୍ମୀ କୀର୍ତ୍ତନ ସାହୁ, ମାନସ ନାଥ, ଅଙ୍କିତ ନାଥ, ସମାଜିକ କର୍ମୀ ଅନିଲ ଅଗ୍ରୱାଲ, ଲଳିତ ପ୍ରଧାନ, ଅର୍ଜୁନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

केनरा बैंक Canara Bank
सिंडिकेट Syndicate

କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-କେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା **୧୩(୪)** ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି। ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।

ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା	(କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି
ବାଲିଆପାଳ ଶାଖା **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଗଣେଶ କିନ୍‌କାର ମହାନ୍ତି,** ପିତା: ଶ୍ରୀ ଅତୁଲ୍ କୁମାର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରଭାବତୀ ମହାନ୍ତି,** ମାର୍ଫତ: ଶ୍ରୀ ଅତୁଲ୍ କୁମାର ମହାନ୍ତି, ଉଭୟଙ୍କ ଠିକଣା: ବେଡାପାଲ, ବାଲେଶ୍ୱର, ଓଡିଶା, ପିନ୍-୭୫୬୦୨୬।	(କ)**ଶ୍ରୀ ଗଣେଶ କିନ୍‌କାର ମହାନ୍ତିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୨୨/୩୦୫୮, ଖାତା ନଂ.୬୭୦/୩୬୮, ଏରିଆ: ଏ୦.୧୨ ଡିସିମିଲି, ମୌଜା: ବେଡାପାଲ, ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ପିନ୍- ୭୫୬୦୨୬, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ପ୍ରତିଭା ମହାନ୍ତି ଏବଂ ଅନ୍ୟମାନେ, ପଶ୍ଚିମ- ପ୍ଲଟ ନଂ.୧୭୩୪, ରାମଚନ୍ଦ୍ର ମାସନ୍ତ ଏବଂ ୭ ଅନ୍ୟମାନେ, **୧୭୩୫** ଅନୀଲ କୁମାର ଦାସ ଅଧିକାରୀ ଏବଂ ଅନ୍ୟମାନେ, ଉତ୍ତର- ପ୍ଲଟ ନଂ.୧୭୨୩ ଶ୍ୟାମସୁନ୍ଦର ନନ୍ଦି ଏବଂ ଅନ୍ୟମାନେ, ଦକ୍ଷିଣ-ରାସ୍ତା। **/(ଖ)୧୧.୧୨.୨୦୨୩/(ଗ)୧୯.୦୨.୨୦୨୪/(ଘ)୨୧.୦୮.୨୦୨୩** ସୁଦ୍ଧା **ଟ.୮,୬୨,୪୭୦.୭୨** (ଆଠ ଲକ୍ଷ ବାଷଠି ହଜାର ଚାରିଶହ କୋଡିଏ ଟଙ୍କା ବାସ୍ତରି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ।
ଦକ୍ଷିଣଧାମରା ଶାଖା **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳ,** ପିତା: ଶ୍ରୀ ଅଭିନାଶ ପ୍ରସାଦ, ପୂର୍ଣ୍ଣ ପ୍ରସାଦ, କଇଠଖୋଲ, ଧାମରା, ଓଡିଶା, ପିନ୍-୭୫୬୧୭୧।	(କ) **ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୧୯୩/୧୮୬, ପ୍ଲଟ ନଂ.୨୦୩/୭୩୯, ଏରିଆ: ଏ୦.୧୦ ଡିସିମିଲି, ମୌଜା: କଇଠଖୋଲ, ଥାନା: ବଂସଦା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ଚାରିପାର୍ଶ୍ୱରେ: ପୂର୍ବ- ଅଜୟ ଦିବେଦୀ, ପଶ୍ଚିମ- ନିଜେ ଏବଂ ସୁବାସ ଚନ୍ଦ୍ର ମଣ୍ଡଳ, ଉତ୍ତର- ପ୍ଲଟ ନଂ.୨୦୪ ଏବଂ ଡିଫେନ୍ସ ରୋଡ, ଦକ୍ଷିଣ- ପ୍ଲଟ ନଂ.୧୯୯। **/(ଖ)୧୧.୧୨.୨୦୨୩/(ଗ)୨୨.୦୨.୨୦୨୪/(ଘ)୧୧.୧୨.୨୦୨୩** ସୁଦ୍ଧା **ଟ.୧୮,୪୪,୪୬୭.୮୯** (ଅଠର ଲକ୍ଷ ଚଉରାଳିସି ହଜାର ଚାରିଶହ ସତଷଠି ଟଙ୍କା ଅଣାନବେ ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ।

ତାରିଖ: ୨୨.୦୨.୨୦୨୪, ସ୍ଥାନ: ଭୁବନେଶ୍ୱର   କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ଘୋଷଣାନାମା

ମୁଁ, **ଅଲଗୁ ମୁଥୁ ଶଙ୍କର,** ମହୁଲପୁଟ, **ତା୨୭।୧୦।୧୯୯୫ରୁ ୨୬।୧୦।୨୦୨୫ରିଖ** ଅବଧି ପାଇଁ ବୈପାରିଗୁଡ଼ା ତହସିଲରେ ଖାତା ନଂ. ୨୪୬ର ପ୍ଲଟ୍ ନଂ. ୩୪, ୩୫ ଏବଂ ୪୫ରେ ୦୫.୯୦୦ ହେକ୍ଟର ରକବାରେ ଅବସ୍ଥିତ **ମହୁଲପୁଟ ଗ୍ରାନାଇଟ୍ ଖଣି**ର ଲିଜ୍‌ଧାରୀ ଅଟେ। ମୁଁ ଖଣିଜଦ୍ରବ୍ୟର ଖନନ ପାଇଁ ବିଭିନ୍ନ ବିଭାଗରୁ ଆଦେଶ ହାସଲ କରିବା ଲାଗି ବ୍ୟକ୍ତିଗତ ଭାବେ ପଦକ୍ଷେପ ଗ୍ରହଣ କରୁଅଛି। ଏହି ଉଦ୍ଦେଶ୍ୟ ପାଇଁ ମୁଁ କୌଣସି ବ୍ୟକ୍ତିଙ୍କ ନାମରେ କୌଣସି ମୁକ୍ତାରନାମା (ପାଓ୍ୱର ଅଫ୍ ଆଟର୍ଣ୍ଣି)ର ପଞ୍ଜୀକରଣ କରିନାହିଁ। ମୋ ଜ୍ଞାତସାରକୁ ଏହା ଆସିଛି ଯେ, କେତେକ ଦୁର୍ବୃତ୍ତ ମୋର ଉପରୋକ୍ତ ଲିଜ୍ ଅଧିକାର କ୍ଷେତ୍ର ମଧ୍ୟକୁ ଅତିକ୍ରମଣ କରିବାର ଚେଷ୍ଟା କରୁଛନ୍ତି। ମୋର ଉପରୋକ୍ତ ବ୍ୟବସାୟରେ ଅନଧିକୃତ ଭାବେ ସଂଶ୍ଳିଷ୍ଟ ହେବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହା ମଧ୍ୟ ସ୍ପଷ୍ଟ କରିଦିଆଯାଉଛି ଯେ ମୋର ଜ୍ଞାତସାର କିମ୍ବା ଦସ୍ତଖତ ବିନା ସ୍ୱାକ୍ଷରିତ ହୋଇଥିବା ଯେକୌଣସି ରାଜିନାମା ଅବୈଧ ବିବେଚିତ ହେବ।

OFFICE OF MUNICIPAL COUNCIL, MANDIR HASOUD

E-Procurement Tender Notice (1st Call)
SYSTEM TENDER NO.153188 NIT NO.3050/2023-24
Mandir Hasoud, Dated 21.02.2024

Online bids in three envelop system are invited for the following construction works/ supply works upto date 26.03.2024 at 17.30 hours.

Sl. No.	Description	Cost of Tender
1	Selection of Placement Agency for supply of labour of different categories (Skilled and unskilled) For FY 2024-25	Rs.170.00 Lacs

The details can be downloaded online directly from the Government of Chattisgarh e-Procurement Portal http://eproc.cgstate.gov.in From 22.02.2024 at 10.00 Hours. (IST) onwards. For more details on the tender and bidding process please visit the above mentioned portal.

Sd./ Chief Municipal Officer
Municipal Council Mandir Hasoud

39768/3

ନୂତନ ଶିବମନ୍ଦିର କାର୍ଯ୍ୟ ଆରମ୍ଭ

ବଇଣ୍ଡା,୨୨।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାରେ ଗୁରୁବାରଠାରୁ ଶିବ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜାତୀୟ ରାଜପଥ ସମ୍ପ୍ରସାରଣରେ ବଇଣ୍ଡା ଶିବମନ୍ଦିର ଉଚ୍ଛେଦ ହୋଇଥିବାବେଳେ ନୂତନ ମନ୍ଦିର ନିର୍ମାଣ ପାଇଁ ପୂର୍ବରୁ ଭୂମିପୂଜା ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣ ମନ୍ଦିର ନିକଟରେ ଉକ୍ତ ମନ୍ଦିର ପାଇଁ ଗୁରୁବାର ପୂଜା କରାଯାଇ ମନ୍ଦିର କାର୍ଯ୍ୟ ପାଇଁ ମାଟି ଖୋଳା ଆରମ୍ଭ କରାଯାଇଛି। ପ୍ରଥମେ ମନ୍ଦିର କମିଟି ପକ୍ଷରୁ ଯଥା ରୀତିରେ ପୂଜକ ପ୍ରକାଶ ଚନ୍ଦ୍ର ମିଶ୍ର, ସହଦେବ ତ୍ରିପାଠୀ, ହଡା ମହାପାତ୍ର ପୂଜା କରିଥିଲେ। ଏଥିରେ ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ପ୍ରମୋଦ ସାହୁ, ସନ୍ତୋଷ ସାହୁ କର୍ତ୍ତା ଭାବେ ବସିଥିଲେ। ପରେ ମନ୍ଦିର ନିର୍ମାଣ ପାଇଁ ମାଟି ଖୋଳାଯାଇଥିଲା। ଗ୍ରାମର ରମେଶ ଟିବ୍ରୁୱାଲା, ଜଳଧର ସାହୁ, ବିନୀତ ସାହା, ଶ୍ରୀଧର ବେହେରା, ଲଛମନ ଦାସ, ରମେଶ ସାହୁ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

PANCHAYAT SAMITI, SUBDEGA
(Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN-770014
No. 528 Date: 21.02.2024

CORRIGENDUM

Reference to Tender Call Notice No.444 dt.16.02.2024 of BDO, Subdega, It is notified that the last date for submission of following tender is extended upto dt.29.02.2024. Tender opening is on 01.03.2024 at 11 A.M.

Sl. No.	Location	Name of the Work	Amount put to Tender in Rs.	Cost of Tender paper (Non-refundable) in Rs.	Bid Security EMD 1% in Rs.	Period of Completion	Class of Contractor
1	2	3	4	5	6	7	8
	Sublaya	Completion of Upstairs Madri Kalo Smruti Sadan at Bhojpur, Sublaya GP under Subdega Block, District- Sundargarh	25,43,638/-	6000/-	Rs.25436/-	Three (03) Calendar months	"B" & "C" Class

The detailed terms and conditions can be downloaded from the District website www.sundergarh.nic.in
1. Date and time to download Tender Paper: From Dt.16.02.2024 to 29.02.2024.
2. Last Date of Receipt of Tender Paper: Dt.29.02.2024 (5.30 P.M.)
3. Date of Opening of Tender Paper: Dt.01.03.2024 (11.00 A.M.)

Sd./- Block Development Office, Subdega

PANCHAYAT SAMITI, SUBDEGA
Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN-770014
No.444 Date: 16.2.2024

TENDER CALL NOTICE

Sealed tenders are invited from the interested bidder for the civil work under BDO, Subdega of Sundargarh District. The detail of works, eligibility, estimated cost and cost of tender paper has been uploaded in the district website www.sundargarh.nic.in. The bidder should be **C & B class contractor**. They have to submit the bid document to the undersign in the address of Office of the **B.D.O., Subdega, At/P.O.- Subdega, Pin- 770014, Dist.- Sundargarh (Odisha)** through Registered Post / Speed Post only on or before **23.02.2024, 5.30 P.M.** The sale of tender paper will be available from dated **16.02.2024 to dated 23.02.2024** in the district website www.sundargarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated **26.02.2024 at 11.00 A.M.** in the office of the undersigned in the presence of the bidders or his / her representatives.

Sd./- Block Development Officer
Subdega

ଯୁବକଙ୍କ ମୃତଦେହ ଜବତ

ରାସୋଳ,(ସରୋଜ କୁମାର ମିଶ୍ର): ହିନ୍ଦୋଳ ବ୍ଲକ ରାସୋଳ ଥାନା ବାବନ୍ଧ ଗ୍ରାମର ଅକ୍ଷୟ ନାଏକ (୩୬)ଙ୍କ ମୃତଦେହ ତାଙ୍କ ଘର ପଛପଟୁ ପୋଲିସ ଜବତ କରିଛି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ରାସୋଳ ପୋଲିସ ଏବଂ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

ମହିମାଗାଦି ଯୋରନ୍ଦା ମାଘମେଳା ଆରମ୍ଭ ଅବସରରେ ଶ୍ରଦ୍ଧାଳୁମାନେ ଶୂନ୍ୟବ୍ରହ୍ମଙ୍କୁ ପ୍ରାର୍ଥନା କରୁଛନ୍ତି।

ସାଧୁ ସନ୍ଥମାନେ ଖଞ୍ଜଣି ପରିବେଷଣ କରୁଛନ୍ତି।

ଅଲେଖ ମହିମା ଧ୍ୱନିରେ କମ୍ପିଲା ଯୋରନ୍ଦା

- ■ବିଶ୍ୱ ପ୍ରସିଦ୍ଧ ମାଘମେଳା ଆରମ୍ଭ
- ■ଝାଡ଼ଦୀପରେ ଝଲସିଲା ମହିମାଗାଦି
- ■୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳର ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ଗୁରୁବାର ଠାରୁ ୩ଦିନ ବ୍ୟାପୀ ମାଘମେଳା ଆରମ୍ଭ ହୋଇଛି। ସନ୍ଧ୍ୟା ସାଢ଼େ ୫ଟାରେ ଗାଦି ମନ୍ଦିରର ୪ ଦ୍ୱାରରେ ମହିମା ସନ୍ନ୍ୟାସୀମାନଙ୍କ ଦ୍ୱାରା ଝାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା। ଏହି ସମୟରେ ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅଲେଖ ମହିମା ଧ୍ୱନିରେ ମହିମାଗାଦି ଯୋରନ୍ଦା ପ୍ରକମ୍ପିତ ହୋଇଥିଲା। ଗାଦିମନ୍ଦିର ଚତୁଃଦ୍ୱାରରେ ଝାଡ଼ବତି ପ୍ରଜ୍ୱଳନ ଯୋଗୁ ଗାଦିମନ୍ଦିର ସମେତ ମହିମାପୀଠ ଝଲସି ଉଠିଥିଲା।

ମାଘମେଳା ଅବସରରେ ମହିମା ପୀଠ ଚାରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି।

ମହିମା ସନ୍ନ୍ୟାସୀମାନେ ଘୃତାହୁତି କରି ବିଶ୍ୱ କଲ୍ୟାଣ ପାଇଁ ଶୂନ୍ୟ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଗୁରୁବାର ବ୍ରାହ୍ମ ମୁହୂର୍ତ୍ତରୁ ମହିମା ସନ୍ନ୍ୟାସୀମାନେ ନୀତିକାନ୍ତି ଆରମ୍ଭ କରିଥିଲେ। ଝାଡ଼ଦୀପଗୁଡିକ ପ୍ରସ୍ତୁତ କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗାଦିମନ୍ଦିର ପରିସରରେ ମହିମା ସନ୍ନ୍ୟାସୀମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ମହିମା ଶ୍ରଦ୍ଧାଳୁମାନଙ୍କ ଖଞ୍ଜଣି ଭଜନରେ ମହିମା ପୀଠ ଯୋରନ୍ଦା ଉତ୍ସବ ମୁଖର ହୋଇଉଠିଥିଲା। ଏମ୍ପି ମହେଶ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ମେଳା ପରିସରରେ ଉପସ୍ଥିତ ରହିଥିଲେ। ଏହି ମେଳା ପାଇଁ ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଆଦି ରାଜ୍ୟ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସହ ମହିମା ସନ୍ନ୍ୟାସୀଙ୍କ ସମାଗମ ହୋଇଛି। ମେଳାରେ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ବୁଲୁଥିବା ଦେଖିବାକୁ ମିଳିଛି। ଉଠା ଦୋକାନୀ ଓ ଖାଦ୍ୟ ଷ୍ଟଲଗୁଡିକ ନିକଟରେ ପ୍ରବଳ ଭିଡ ଜମିଥିବା ବେଳେ ଅପେରା ମଧ୍ୟ ପଡିଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି।

'ସର୍ବଜୀବେ ସମଭାବ ମହିମା ଧର୍ମର ବୈଶିଷ୍ଟ୍ୟ'

ଢେଙ୍କାନାଳ,୨୨।୨(ରତନ ନାୟାର)

ମହିମାଗାଦି ଯୋରନ୍ଦା ଭଜନ ମଣ୍ଡପଠାରେ ଗୁରୁବାର ଅପରାହ୍ନ ୧ଟାରେ ଧର୍ମସଭା ଆୟୋଜିତ ହୋଇଥିଲା। ୭ଟି ବୃହଦାକାର ଅଖଣ୍ଡ ମାଟି ଦୀପକୁ ଅତିଥିମାନେ ଅଲେଖ ନିରାକାର ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବାଙ୍କ ସଂଯୋଜନାରେ ଏହି ଧର୍ମସଭାରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, କନ୍ଦର୍ପ ବାବା ଓ ଭକ୍ତ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଅଖଣ୍ଡ ଦୀପ ପ୍ରଜ୍ୱଳିତ କରିଥିଲେ। ଧର୍ମସଭାରେ ଶ୍ରୀମଦ୍ ରଘୁନାଥ ବାବା ଅଧ୍ୟକ୍ଷତା କରି ସର୍ବଜୀବେ ସମଭାବ ମହିମା ଧର୍ମର ବୈଶିଷ୍ଟ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ 'ମହିମାଜ୍ୟୋତି' ବାର୍ଷିକ ପତ୍ରିକା ଉନ୍ମୋଚନ ହୋଇଥିଲା। ସମ୍ପାଦକ ବିରଞ୍ଚି ନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମସଭାରେ ମଞ୍ଚାସୀନ ଅତିଥିମାନେ।

ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ଯୋରନ୍ଦାଠାରେ ଆରମ୍ଭ ହୋଇଥିବା ପ୍ରସିଦ୍ଧ ମାଘମେଳା ଅବସରରେ ପ୍ରଥମକରି ଜିଲା ପ୍ରଶାସନ ପକ୍ଷରୁ ଏକ ଉପଖଣ୍ଡୀୟ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଛି। ଏହି ମେଳା ଗୁରୁବାର ଉଦ୍‌ଘାଟିତ ହୋଇଛି। ଏମ୍ପି ମହେଶ ସାହୁ ଓ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଓ ଯୋରନ୍ଦା ସରପଞ୍ଚ ଆରତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଉପସ୍ଥିତ ଥିଲେ। ପଲ୍ଲିଶ୍ରୀ ମେଳାରେ ୩୨ଟି ଷ୍ଟଲ ରହିଛି। ଆସାମ ସମେତ ଓଡ଼ିଶାର ଢେଙ୍କାନାଳ, ଅନୁଗୋଳ, ନବରଙ୍ଗପୁର, ନୟାଗଡ଼, ଯାଜପୁର, ସୁବର୍ଣ୍ଣପୁର, ବାଲେଶ୍ୱର, କଟକ ଆଦି ଜିଲାର ହସ୍ତଶିଳ୍ପ କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉତ୍ପାଦିତ ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶିତ କରୁଛନ୍ତି।

ପଲ୍ଲିଶ୍ରୀ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

୫୦୦ ଲିଟର ମଦ ଜବତ, ୨ ଗିରଫ

କାମାକ୍ଷାନଗର,୨୨।୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ କାମାକ୍ଷାନଗର ଥାନା ରେକୁଳା ଗାଁ ରେଲ୍‌ୱେ ଓଭର ବ୍ରିଜ ନିକଟରୁ ଗୁରୁବାର ଢେଙ୍କାନାଳ କାଲଟାକ୍ସ ଅଞ୍ଚଳର ଆକାଶ ମହାପାତ୍ର ଏବଂ ପରଜଙ୍ଗ ଥାନା ଆମ୍ବପଳାଶ ଗାଁର ବିନୟ କୁମାର ସାହୁଙ୍କୁ ଗିରଫ କରିଛି। ଉଭୟେ ଏକ କାର୍‌ରେ ୫ଶହ ଲିଟର ଦେଶୀ ମଦ ଆମ୍ବପଳାଶ ଗାଁରୁ ଢେଙ୍କାନାଳ ନେଉଥିବାବେଳେ ଅବକାରୀ ବିଭାଗ କାବୁ କରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ନଗଦ ୯ ହଜାର ୨୬୦ଟଙ୍କା ଜବତ କରାଯାଇଥିବା କାମାକ୍ଷାନଗର ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶ୍ରାବଣ କୁମାର ଭୋଳ ପ୍ରକାଶ କରିଛନ୍ତି।

ପଞ୍ଚାୟତ ସମିତି କଲେଜରେ ପାଠଚକ୍ର

ଓଡ଼ାପଡ଼ା,୨୨।୨(ରଞ୍ଜିତ ନାୟକ)

ଢେଙ୍କାନାଳ ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ତ୍ରିଲୋଚନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ତପନ କୁମାର ପଣ୍ଡା, ତାଳଚେର ସ୍ୱୟଂଶାସିତ କଲେଜର ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପିକା ଅସ୍ମିନା ବେଗମ ଯୋଗ ଦେଇଥିଲେ। ଏହି ଅବସରରେ ସୁଶ୍ରୀ ଋତୁପର୍ଣ୍ଣା ସାହୁ, ସନ୍ତୋଷୀ ସାହୁ, ସୋନାଲି ବିଶ୍ୱାଳ ଓ ପ୍ରେମାନନ୍ଦ ବେହେରା ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ନୟନା ବରାଳ ମଞ୍ଚ ପରିଚାଳନା କରିଥିଲେ। ସୁଶ୍ରୀ ପ୍ରଜ୍ଞା ପାରମିତା ନାୟକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନୀଳକଣ୍ଠ ଦାସ, ରଞ୍ଜନ ସାହୁ, ମନୋଜ ରାଉତ, ଅଧ୍ୟାପିକା ସିଲୁ ଦେହୁରୀ ଉପସ୍ଥିତ ଥିଲେ।

ଆଜି ଉଦ୍‌ଘାଟିତ ହେବ ସ୍କିଲ୍ ଇଣ୍ଡିଆ ସେଣ୍ଟର

ଢେଙ୍କାନାଳ,୨୨।୨(ରତନ ନାୟାର)

ଆଞ୍ଚଳିକ ସ୍ତରରେ ଯୁବ ପ୍ରତିଭାଙ୍କ ଦକ୍ଷତା ବୃଦ୍ଧି ପାଇଁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଢେଙ୍କାନାଳ ଠାରେ ସ୍କିଲ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ କରିବେ। ଗଣମାଧ୍ୟମ ଓ ମନୋରଞ୍ଜନ, ଚମଡା, ପର୍ଯ୍ୟଟନ, ଆତିଥେୟତା ଏବଂ ଆଇଟି-ଆଇଟିଇଏସ୍ ଭଳି ଅଧିକ ଚାହିଦା ଥିବା ଉଦ୍ୟୋଗରେ ଯୁବପିଢ଼ିଙ୍କ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ଦିଗରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରାଳୟ ଅଧୀନ ଜାତୀୟ ଦକ୍ଷତା ବିକାଶ ନିଗମ ଅନେକ ଅଭିନବ ପଦକ୍ଷେପ ଆରମ୍ଭ କରିଛି। ସ୍କିଲ ଇଣ୍ଡିଆ ସେଣ୍ଟର ଏହି ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପ ବୋଲି ସୂଚନା ଦିଆଯାଇଛି।

ନାଟ୍ୟ ଦକ୍ଷତା ହିଁ ଇନ୍ଦ୍ରମଣିଙ୍କ ସ୍ୱତନ୍ତ୍ର ପରିଚୟ ଥିଲା

ଢେଙ୍କାନାଳ,୨୨।୨(ରତନ ନାୟାର)

ବିଶିଷ୍ଟ ହାସ୍ୟ ଅଭିନେତା ତଥା ପୂର୍ବତନ ପୌରାଧ୍ୟକ୍ଷ ଇନ୍ଦ୍ରମଣି ବେହେରାଙ୍କ ଗତ ୧୬ ତାରିଖରେ ଅକାଳ ବିୟୋଗ ଘଟିଥିବା ବେଳେ କଳାପରିଷଦ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଅନୁଷ୍ଠାନ ଗୃହରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିନେତା ଇନ୍ଦ୍ରମଣିଙ୍କ ସ୍ମୃତିଚାରଣ କରାଯାଇଥିଲା। ନାଟ୍ୟ ଦକ୍ଷତା ଯୋଗୁ ଇନ୍ଦ୍ରମଣି ରାଜ୍ୟ ଏବଂ ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜାତୀୟସ୍ତରରେ କଳାପରିଷଦ ପକ୍ଷରୁ ମଞ୍ଚସ୍ଥ ନାଟକରେ ଅଭିନୟ କରି ଶ୍ରେଷ୍ଠ ହାସ୍ୟ ଅଭିନେତା ପୁରସ୍କାର ପାଇ ଢେଙ୍କାନାଳ ଜିଲାକୁ ଗୌରବାନ୍ୱିତ କରିଥିଲେ। ତାଙ୍କର ଅକାଳ ବିୟୋଗ କଳାପରିଷଦ ପାଇଁ ଅପୂରଣୀୟ କ୍ଷତି ବୋଲି ସଭାପତି ଦିଲିଶ୍ୱର ମହାରଣା କହିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସମ୍ପାଦକ ଜୟନ୍ତ ବର୍ମା, ଶତ୍ରୁଘ୍ନ ମାଟି, ଶଶିକାନ୍ତ ପାଣି, ଅଶୋକ ସାହୁ, ସୁରେଶ ମିଶ୍ର, ପ୍ରବୀର ମହାନ୍ତି, ବିନୋଦ ମହାନ୍ତି, ମନ୍ମଥ ପଟ୍ଟନାୟକ, କୁମକୁମ ମହାନ୍ତି, କିଶୋର ରାଉତ, ଅମ୍ବିକା ପଟ୍ଟନାୟକ, ପୃଥ୍ୱୀଦୀପ୍ତ ଭୂଷଣ, ଦ୍ୱିତୀକୃଷ୍ଣ ମଲ୍ଲିକ, ପ୍ରଦୋଷ ମିଶ୍ର, ଶିବ ରଞ୍ଜନ ବେହେରା, ଓଁ ସାଇ, ପିଣ୍ଟୁ ଓ ଲିକୁ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ।

ଇନ୍ଦ୍ରମଣିଙ୍କ ବିୟୋଗରେ କଳାପରିଷଦ ପକ୍ଷରୁ ସ୍ମୃତିସଭା।

ଶ୍ରୀଦତାତ୍ରେୟ ସାଇ ଆଶ୍ରମର ପ୍ରତିଷ୍ଠା ଦିବସ

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର କୃଷ୍ଣକୁମାରପୁରସ୍ଥିତ ଶ୍ରୀଦତାତ୍ରେୟ ସାଇ ଆଶ୍ରମର ପ୍ରତିଷ୍ଠା ଦିବସ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଭଗବାନ ସାଇନାଥଙ୍କ ସ୍ୱର୍ଣ୍ଣ ଅଳଙ୍କାର ବେଶ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏମ୍ପି ମହେଶ ସାହୁଙ୍କ ସମେତ ଉମାବଲ୍ଲଭ ରଥ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡ. ଆଲୋକ କୁମାର ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଭଗବାନ ସାଇନାଥଙ୍କ ଦର୍ଶନ କରିଥିଲେ। ସାଇ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପ୍ରସାଦ ସେବନରେ ପ୍ରାୟ ୫ ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶ୍ରୀଦତାତ୍ରେୟ ସାଇ ଆଶ୍ରମ ଟ୍ରଷ୍ଟ ଅଧ୍ୟକ୍ଷ ଶାନ୍ତିବର୍ଦ୍ଧନ ମିଶ୍ର, ଉପାଧ୍ୟକ୍ଷ ଜୟବର୍ଦ୍ଧନ ମିଶ୍ର, ନିର୍ବାହୀ ଅଧିକାରୀ ସୁବ୍ରତ ମହାନ୍ତି, ପ୍ରମୋଦ କୁମାର ନନ୍ଦ ଓ ଆବାହକ ଅକ୍ଷୟ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

ଶ୍ରୀଦତାତ୍ରେୟ ସାଇ ଆଶ୍ରମର ୨୩ତମ ପ୍ରତିଷ୍ଠା ଦିବସ।

୨୬ରୁ ଭାଗବତ ସପ୍ତାହ ପାରାୟଣ

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତଠାରେ ଚଳିତବର୍ଷ ୩୭ତମ ଶ୍ରୀମଦ୍ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଆସନ୍ତା ୨୬ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୬ ତାରିଖରେ ଶୁଭାଧିବାସ ଓ କଳସ ଯାତ୍ରା, ୨୭ ରୁ ୪ ତାରିଖ ପର୍ଯ୍ୟନ୍ତ ପ୍ରବଚନ ମଣ୍ଡପରେ ପ୍ରବଚନ କାର୍ଯ୍ୟକ୍ରମ, ବିଷ୍ଣୁ ସହସ୍ରନାମ, ସୂର୍ଯ୍ୟପୂଜା, ଗୀତା ପାଠ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏଥିରେ ପ୍ରବଚକ ଓ ବ୍ୟାସ ଭାବେ ରବି ନାରାୟଣ ହୋତା, ପଣ୍ଡିତ ବିପିନ ବିହାରୀ ଶତପଥୀ, ପଣ୍ଡିତ ସମ୍ମିତ ଜେନା ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରିବେ ବୋଲି ଆୟୋଜକ କୁଞ୍ଜକାନ୍ତ ଭାଗବତ ପାରାୟଣ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

ଇଞ୍ଜିନ, ମେକାନିକାଲ ୱାଗନ୍ ଜଳିଗଲା

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଥିବା ଯୋରନ୍ଦା ରୋଡ୍ ରେଳ ଷ୍ଟେଶନ ନିକଟରେ ଅପ୍‌ଲାଇନରେ ଗୁରୁବାର ଅପରାହ୍ନ ୩ଟା ୫ରେ ହଠାତ୍ ଅଗ୍ନିକାଣ୍ଡ ଘଟି ଏକ ଇଞ୍ଜିନ୍ ସହ ମେକାନିକାଲ ଟାୱାର ୱାଗନ ଜଳିଯାଇଛି। ତେବେ ଏହା ମଧ୍ୟରେ ଥିବା ଲୋକୋ ପାଇଲଟଙ୍କ ସମେତ ୧୨ଜଣ ବୈଷୟିକ କର୍ମଚାରୀ ଓ ଯନ୍ତ୍ରୀ ଭୟରେ ଡେଇଁପଡି ନିଜ ଜୀବନ ରକ୍ଷା କରିପାରିଛନ୍ତି। ଗୋବିନ୍ଦପୁର ଗ୍ରାମର ଯୁବକମାନେ ଏହା ଦେଖି ତୁରନ୍ତ ଅଗ୍ନିଶମ ସେବା ସଂସ୍ଥାକୁ ଖବର ଦେଇଥିଲେ ବୋଲି ସନ୍ତୋଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଖବରପାଇ ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥାର ୩ ଓ ଗଁଦିଆ ଅଗ୍ନିଶମ ସେବା ସଂସ୍ଥାର ଗୋଟିଏ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। କଟକ ଜିଲା ରାଜଆଠଗଡ଼ ରେଳ ଷ୍ଟେଶନରୁ ଏହି ଇଞ୍ଜିନ ସହିତ ମେକାନିକାଲ ଟାୱାର ୱାଗନ ବିଦ୍ୟୁତ୍ ମରାମତି କାର୍ଯ୍ୟ ପାଇଁ ୧୨ଜଣ ବୈଷୟିକ କର୍ମଚାରୀଙ୍କୁ ଧରି କାର୍ଯ୍ୟ ଆରମ୍ଭ କରିଥିଲା। କାର୍ଯ୍ୟ ଚାଲୁଥିବା ବେଳେ ଉକ୍ତ ୱାଗନରେ ଥିବା ଜେନେରେଟରରେ ଶର୍ଟସର୍କିଟ୍ ହୋଇ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଏହି ବାଟଦେଇ ଅପରାହ୍ନରୁ ରାତି ୮ଟା ଯାଏ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଘଟଣାସ୍ଥଳରେ ପ୍ରବଳ ଜନ ସମାଗମ ହେବାରୁ ଗୋବିନ୍ଦପୁର ଫାଣ୍ଡି ପୋଲିସ ପହଞ୍ଚି ଲୋକମାନଙ୍କୁ ବାରଣ କରିଥିଲା। କ୍ଷୟକ୍ଷତିର ଆକଳନ କରାଯାଉଛି ବୋଲି ଢେଙ୍କାନାଳ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ ସୂଚନା ଦେଇଛନ୍ତି।

ଇଞ୍ଜିନ ସହିତ ମେକାନିକାଲ ଟାୱାର ୱାଗନରେ ନିଆଁ ଲାଗି ଜଳିଯାଉଛି।

ଛାତ୍ର ଓ ଯୁବ କଂଗ୍ରେସ ମିଳିତ ବୈଠକ

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ବୋରାପଦା ଠାରେ ଜିଲା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ମିଳିତ ବୈଠକ ପୂର୍ବତନ ଜିଲା ଛାତ୍ର ଓ ଯୁବ କଂଗ୍ରେସ ସଭାପତି ଜ୍ୟୋତିର୍ମୟ ପାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ଏକତ୍ର ହୋଇ ମାନସମନ୍ଥନ କରିଥିଲେ। ସଭାରେ ଢେଙ୍କାନାଳ କୁମାର ସାହେବ ରାଜୀବ ଲୋଚନ ସିଂହଦେଓ ଓ ରାଜ ପରିବାର ବଧୂ ସମାଜସେବିକା ସୁସ୍ମିତା ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୪ ନିର୍ବାଚନରେ କଂଗ୍ରେସ ଢେଙ୍କାନାଳରେ କିପରି ଭଲ ପ୍ରଦର୍ଶନ କରି ବିଜୟୀ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ଓକିଲ ସଂଘ ପୂର୍ବତନ ସମ୍ପାଦକ ଟଙ୍କଧର ବେହେରା, ପୂର୍ବତନ ଯୁବ ଓ ଛାତ୍ର କଂଗ୍ରେସ ସଭାପତି ସୀତାଂଶୁ ପଣ୍ଡା, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅମର ସେନାପତି, କଂଗ୍ରେସ ଉପସଭାପତି ସୌମ୍ୟ ରଞ୍ଜନ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ହିତେଶ ହୋତା, ଯୁବନେତା ସଚ୍ଚିଦାନନ୍ଦ ନନ୍ଦ, ପ୍ରିୟବ୍ରତ ସାସମଲ, ବିଶ୍ୱଭୂଷଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଜାଗା ନ ମିଳିବାରୁ ଫଳକ ଭଙ୍ଗାରୁଜା, ଉତ୍ତେଜନା

ଢେଙ୍କାନାଳ,୨୨।୨(ରତନ ନାୟାର)

ଖେଳ ପଡ଼ିଆ ପାଇଁ ଜାଗା ନ ମିଳିବାରୁ କଲେଜର ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା ଫଳକକୁ ଭଙ୍ଗାରୁଜା କରାଯାଇଛି। ପ୍ରକାଶ ଯେ, ଢେଙ୍କାନାଳ ସହର ୯ନଂ. ୱାର୍ଡ ବନମାଳୀ ପ୍ରସାଦ ଓ ସଦର ବ୍ଲକ ମଙ୍ଗଳପୁର ଗ୍ରାମ ମୌଜା ମଧ୍ୟରେ ଢେଙ୍କାନାଳ-ଭାପୁର ରାସ୍ତା କଡରେ ଥିବା ସାଢ଼େ ୬ ଏକର ଜମିକୁ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଓ ସାନ୍ଧ୍ୟ ଜୁନିୟର ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଗତ ଗଣେଶ ପୂଜା ସମୟରେ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା ବେଳେ ସେଠାରେ ଖେଳ ପଡିଆ ପାଇଁ ଆବଶ୍ୟକ ଜାଗା ପ୍ରଦାନ ନିମନ୍ତେ ବନମାଳୀପ୍ରସାଦ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଥିଲେ। ସେହି ସମୟରେ ଅଞ୍ଚଳବାସୀଙ୍କୁ ଖେଳ ପଡିଆ ପାଇଁ ଜାଗା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜିପର୍ଯ୍ୟନ୍ତ ଜାଗା ନ ମିଳିବାରୁ ଅଞ୍ଚଳବାସୀ ଏହାର ପ୍ରତିବାଦରେ ଗୁରୁବାର ଘଟଣାସ୍ଥଳରେ ଭିତ୍ତିପ୍ରସ୍ତର ଲାଗିଥିବା ଫଳକ ଓ ୫ଟି ସୂଚନା ଫଳକକୁ ଭାଙ୍ଗି ଦେଇଥିଲେ। ଖବରପାଇ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ କର୍ମଚାରୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସ୍ଥାନୀୟ କାଉନସିଲରଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିବା ସହିତ ଜିଲାପାଳଙ୍କ ସହିତ କଥା କରାଇଥିଲେ। ହେଲେ ଏହା ଫଳପ୍ରଦ ହୋଇ ନ ଥିବା ଜଣାପଡିଛି। ୯ନଂ ୱାର୍ଡ କାଉନସିଲର ସୂର୍ଯ୍ୟ ପ୍ରତାପ ରାଉତ କହିଛନ୍ତି, ଉକ୍ତ ଅଞ୍ଚଳରୁ ବନମାଳୀପ୍ରସାଦ ଅଞ୍ଚଳବାସୀଙ୍କ ପାଇଁ ଖେଳ ପଡିଆ ନିମନ୍ତେ ୩ ଏକର ଜାଗା ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ହେଁ ଜାଗା ମିଳିଲା ନାହିଁ। ଏହାକୁ ନେଇ ଅଞ୍ଚଳବାସୀ ତୀବ୍ର ପ୍ରତିବାଦ କରିଛନ୍ତି। ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଜଣାଇଛି। ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଓ ଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ଜିଲାପାଳ କାମ ଆରମ୍ଭ ହେବ ବୋଲି କହିଛନ୍ତି। ଶୁକ୍ରବାର ଥାନାରେ ଅଭିଯୋଗ କରାଯିବ।

ସ୍ପେଶାଲ ଅଲିମ୍ପିଆନ ସରିତାଙ୍କ ସଂଘର୍ଷ

ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ଯେ ବଡ଼ ସଫଳତା ସମ୍ଭବ, ଏହାର ଜ୍ୱଳନ୍ତ ଉଦାହରଣ ହେଲେ ସ୍ପେଶାଲ ଆଥଲେଟ୍ ସରିତା ରାଉତରାୟ। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇଥିଲେ ମଧ୍ୟ ସେ ବାଟ ହୁଡ଼ିନାହାନ୍ତି। ଦେଶ ବିଦେଶରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର ୟୁନିଫାଏଡ୍ ବିଚ୍ ଭଲିବଲ୍‌ରେ ସ୍ୱର୍ଣ୍ଣ ଏବଂ ୱିଣ୍ଟର ଗେମ୍ସର ଫ୍ଲୋର ହକିରେ ବ୍ରୋଞ୍ଜ ପଦକ ଜିତିଥିବା ସରିତାଙ୍କ ସଂଘର୍ଷମୟ ଜୀବନକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

ସରିତା ରାଉତରାୟ

(ବାମରୁ) ଅର୍ପିତା ମହାପାତ୍ର, ସରିତା ରାଉତରାୟ, ସସ୍ମିତା ମହାପାତ୍ର ଓ ପ୍ରକାଶ ରଥ।

ବିକଶିତ ହୋଇଥିଲା।

ସରିତା ସାଇକ୍ଲିଂ ସହିତ ଫୁଟ୍‌ବଲ, ବିଚ୍ ଭଲିବଲ ଏବଂ ଫ୍ଲୋର ହକିରେ ନିଜ ଦକ୍ଷତା ଦେଖାଇଥିଲେ। ସେ ଜାତୀୟ ଚାମ୍ପିୟନଶିପ୍‌ରେ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ୨୦୧୫ ଅଗଷ୍ଟରେ ଆମେରିକାର ଲସ୍ ଏଞ୍ଜେଲ୍ସରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର ୟୁନିଫାଏଡ୍ ବିଚ୍ ଭଲିବଲ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଅଷ୍ଟ୍ରିଆରେ ୨୦୧୭ ମାର୍ଚ୍ଚ ୧୪ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ୱିଣ୍ଟର ଗେମ୍ସର ଫ୍ଲୋର ହକିରେ ସେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ।

ସରିତାଙ୍କ ଯାତ୍ରା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ତାଙ୍କ ବାପା ଗୁଣ୍ଠିଚା ରାଉତରାୟଙ୍କ ଶ୍ରବଣ ଶକ୍ତିରେ ସମସ୍ୟା ଥିଲା ଏବଂ ଜଣେ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରି ଅଳ୍ପକିଛି ରୋଜଗାର କରୁଥିଲେ। ଅଧିକାଂଶ ସମୟ ସେ ଅସୁସ୍ଥ ରହୁଥିଲେ ଏବଂ କାମ କରିବାକୁ ଯାଇପାରୁ ନ ଥିଲେ। ତେଣୁ ତାଙ୍କ ମା' ଶ୍ୟାମାଲତା ରାଉତରାୟ ଭୁବନେଶ୍ୱରସ୍ଥିତ ଏକ ବସ୍ତିରେ ନିଜ ଅସ୍ଥାୟୀ ଘରେ ଏକ ଛୋଟ ତେଜରାତି ଦୋକାନ କରି ଘରଖର୍ଚ୍ଚ ଚଳାଉଥିଲେ। ଏହି ବସ୍ତି ଏକ ଅବହେଳିତ ଅଞ୍ଚଳ ହୋଇଥିଲେ ମଧ୍ୟ ସରିତା ଏ ସବୁ ବାଧାକୁ ଅତିକ୍ରମ କରି ନିଜ ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅସୁସ୍ଥ ରହିବା ପରେ ନିକଟରେ ତାଙ୍କ ବାପାଙ୍କ ପରଲୋକ ହୋଇ ଯାଇଛି। ତେଣୁ ଘର ଚଳାଇବା ଏବଂ ଭାଇକୁ ମଣିଷ କରିବାର ଦାୟିତ୍ୱ ତାଙ୍କ ଉପରେ।

କ୍ରୀଡ଼ା ତାଙ୍କୁ ଦକ୍ଷତା ପ୍ରଦର୍ଶନର ସୁଯୋଗ ଏବଂ ଖୁସି ଦେଇଛି। ସେ ଖେଳ ସହ ଜଡ଼ିତ ହୋଇ ରହି ଏବଂ କ୍ରମେ ରୋଲର ସ୍କେଟିଂ ଏବଂ ଫୁଟବଲକୁ ଆପଣେଇବା ସହ ପିଲାମାନଙ୍କୁ ସୁଇମିଂ ଟ୍ରେନିଂରେ ଅର୍ପିତାଙ୍କୁ ସାହାଯ୍ୟ କରୁଛନ୍ତି। ସେ ବ୍ୟକ୍ତିଗତଭାବେ ବିଭିନ୍ନ ଖେଳାଳିଙ୍କ ଘରକୁ ଯାଇ ରୋଲର ସ୍କେଟିଂ ଟ୍ରେନିଂ ମଧ୍ୟ ଦେଉଛନ୍ତି। ଏହା ତାଙ୍କୁ ସ୍ୱୀକୃତି ଦେଇଛି ଏବଂ ଗର୍ବର ସହିତ ଅଳ୍ପକିଛି ରୋଜଗାର କରିବାର ବାଟ ମଧ୍ୟ ଦେଖାଇଛି। ତ୍ୟାଗ ଏବଂ ଅଧ୍ୟବସାୟ ତାଙ୍କୁ ସମସ୍ତ ବ୍ୟକ୍ତିଗତ ଏବଂ ସାମାଜିକ ଚ୍ୟାଲେଞ୍ଜରୁ ବାହାରକୁ ଆଣିବାରେ ସହାୟକ ହୋଇଛି। ଏବେ ଜୀବନ ଜୀବିକା ପାଇଁ ସରିତାଙ୍କ ଲାଗି ଚାକିରି ଅତ୍ୟାବଶ୍ୟକ ହୋଇ ପଡ଼ିଛି। ଓଡ଼ିଶା ଦେଶର କ୍ରୀଡ଼ା ହବ୍ ପାଲଟିଛି। ମାତ୍ର ସେ ସ୍ପେଶାଲ ଅଲିମ୍ପିକ୍ସରେ ପଦକ ଜିତିଥିବା ସତ୍ତ୍ୱେ ରାଜ୍ୟରେ ଏହାକୁ ଉପଯୁକ୍ତ ମର୍ଯ୍ୟାଦା ଦିଆ ନ ଯିବା ସରିତାଙ୍କୁ ବ୍ୟଥିତ କରିଛି। ସରକାରଙ୍କ ନଜର ତାଙ୍କ ଉପରେ ପଡ଼ିବ ଏବଂ ତାଙ୍କୁ ଏକ ଚାକିରି ପ୍ରଦାନର ବ୍ୟବସ୍ଥା କରାଯିବ, ଏପରି ଆଶାରେ ରହିଛନ୍ତି ଏହି ବହୁମୁଖୀ ପ୍ରତିଭା।

ଚାକିରି ନିହାତି ଆବଶ୍ୟକ

ସରିତା ଏଠାକୁ ଆସିବା ପରେ ଇନ୍‌ଚାର୍ଜ ସୁଜାତା ପଟ୍ଟନାୟକ ତାଙ୍କ ଦାୟିତ୍ୱ ନେଇଥିଲେ। ସସ୍ମିତା ମହାପାତ୍ର ଓ ଅର୍ପିତା ମହାପାତ୍ର ପ୍ରମୁଖ ପ୍ରତିଷ୍ଠିତ କୋଚ୍‌ମାନେ ତାଙ୍କୁ ଖେଳସହ ଅଭ୍ୟସ୍ତ କରାଇଥିଲେ। ଏହାପରେ ସେ ବିଭିନ୍ନ ଖେଳରେ ପାରଦର୍ଶିତା ଦେଖାଇଲେ। ବିଭିନ୍ନ ଖେଳରେ ସରିତା ରୁଚି ରଖିଥିଲେ, ଏପରିକି ବହୁତ ଫାଷ୍ଟ ଗେମ୍ ଫ୍ଲୋରହକିରେ ମଧ୍ୟ ସେ ଭାରତର ଟପ୍ ଖେଳାଳି ବିବେଚିତ ହୋଇଥିଲେ। ୱିଣ୍ଟର ଗେମ୍ ପାଇଁ ଆମ ରାଜ୍ୟରେ ବିଶେଷ ସୁବିଧା ସୁଯୋଗ ନ ଥିଲେ ମଧ୍ୟ ସରିତାଙ୍କ ଟିମ୍ ଅଷ୍ଟ୍ରିଆ ଯାଇ ଫ୍ଲୋର ହକିରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ପୂର୍ବରୁ ୱାର୍ଲ୍ଡ ସମର ଗେମ୍ସର ବିଚ୍ ଭଲିବଲରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସାଇକ୍ଲିଂରେ ମଧ୍ୟ ସେ ଦକ୍ଷ। ଏବେ ଅର୍ପିତାଙ୍କ ତତ୍ତ୍ୱାବଧାନରେ ସେ ପିଲାଙ୍କୁ ସୁଇମିଂ କୋଚିଂ ଦେଉଛନ୍ତି। ସେ ଏକ ଗରିବ ପରିବାରର ପିଲା। ଭିନ୍ନକ୍ଷମ ବାପାଙ୍କର ନିକଟରେ ପରଲୋକ ଘଟିଛି। ଅନେକ ଚାପ ପରିସ୍ଥିତିରେ ମା' ହିଁ ତାଙ୍କୁ ବଢ଼ାଇଛନ୍ତି। ଘର ଚଳାଇବା ସହ ମା' ଓ ଭାଇର ଦାୟିତ୍ୱ ଏବେ ସରିତାଙ୍କ ଉପରେ। ଜଣେ ଖେଳାଳି ବ୍ୟତୀତ ସରିତା ଜଣେ ଉତ୍ତମ ବ୍ୟକ୍ତି। ବ୍ୟକ୍ତିଗତଭାବେ ଆଗକୁ ବଢ଼ିବା ସହ ପରିବାର ଚଳାଇବା ପାଇଁ ସରିତା ଏବେ ଚାକିରି ନିହାତି ଆବଶ୍ୟକ କରୁଛନ୍ତି। ସରକାର ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ପଦକ ବିଜେତାଙ୍କ ପାଇଁ ଅନେକ କିଛି କରୁଛନ୍ତି। ସ୍ପେଶାଲ ଅଲିମ୍ପିକ୍ସରେ ସଫଳ ହୋଇଥିବାରୁ ସରକାରୀ ଚାକିରିଟିଏ ମିଳିଗଲେ ସରତାଙ୍କ ଜୀବନ ସହଜ ହୋଇପାରନ୍ତା।

–ପ୍ରକାଶ ରଥ , ***(ଓଏଲ୍‌ଏସ୍ ସିଇଓ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତ–ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ)***

ସ୍ପେଶାଲ ଆଥ୍‌ଲେଟ୍‌ଙ୍କୁ ସମାନ ମର୍ଯ୍ୟାଦା ମିଳୁ

ରାଜ୍ୟର ଜଣେ ଖେଳାଳି ଅଲିମ୍ପିକ୍ସ କିମ୍ବା ପାରାଲିମ୍ପିକ୍ସରେ ଭାଗନେଲେ ଯେପରି ପ୍ରୋତ୍ସାହନ ପାଉଛନ୍ତି ସ୍ପେଶାଲ ଅଲିମ୍ପିକ୍ସ ଆଥଲେଟ୍‌ଙ୍କୁ ସେପରି ମର୍ଯ୍ୟାଦା ମିଳିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି ସରିତାଙ୍କ ମେଣ୍ଟର ଏବଂ କୋଚ୍ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତର ନ୍ୟାଶନାଲ ଟ୍ରେନର ଅର୍ପିତା ମହାପାତ୍ର ଓ ସସ୍ମିତା ମହାପାତ୍ର। ''ସ୍ପେଶାଲ ଆଥଲେଟଙ୍କ ନିକଟରେ ରାଗ, ଗର୍ବ କିମ୍ବା ଅହଙ୍କାର ନ ଥାଏ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳ ହେଲେ ମଧ୍ୟ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ହୋଇ ନ ଥାଏ। ୨୦୧୧ରୁ ମୁଁ ସରିତାଙ୍କୁ ନିକଟରୁ ଦେଖି ଆସୁଛି। ସେ ବ୍ୟକ୍ତିଭାବେ ଜଣେ ସଫଳ ଆଥଲେଟ୍ ଏବଂ ଏବେ କୋଚିଂକୁ ମଧ୍ୟ ଦକ୍ଷତାର ସହ ଆପଣେଇଛନ୍ତି। ତେଣୁ ଅଲିମ୍ପିଆନ ଏବଂ ପାରାଲିମ୍ପିଆନଙ୍କୁ ଯେପରି ଦୃଷ୍ଟିରେ ଦେଖା ଯାଉଛି କିମ୍ବା ସମ୍ମାନ ମିଳୁଛି ସରିତାଙ୍କ କ୍ଷେତ୍ରରେ ସେପରି ହେବା ଉଚିତ'' ବୋଲି ଅର୍ପିତା ପ୍ରକାଶ କରିଛନ୍ତି। ୧୯୯୮ରେ ସରିତା ଓଏଲ୍‌ଏସ୍‌କୁ ଆସିବା ଦିନଠାରୁ ତାଙ୍କୁ କୋଚିଂ ଦେଉଥିବା ସସ୍ମିତା ମଧ୍ୟ ସମାନ ମତ ରଖିଛନ୍ତି। ''ବିଭିନ୍ନ ଖେଳପ୍ରତି ଆଗ୍ରହ ସରିତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ୨୦୧୭ରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସରେ ପଦକ ବିଜୟ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ। ତେଣୁ ସାଧାରଣ ଆଥଲେଟ୍‌ଙ୍କ ପରି ସ୍ପୋର୍ଟ୍ସ କୋଟାରେ ସରିତା ଯେପରି ନ୍ୟାୟ ପାଇପାରିବେ ସେଥିପାଇଁ ଆମର ଲଢ଼େଇ ଜାରି ରହିବ'' ବୋଲି ସସ୍ମିତା କହିଛନ୍ତି।

କୋରାପୁଟର ଗୌରବ କୁନ୍ଦ

କୋରାପୁଟ ଜିଲାର ଝିଅ ଅନ୍ତର୍ଜାତୀୟ କରାଟେକା ତଥା ଜାତୀୟ ସ୍କାଏ ମାର୍ଶାଲ ଆର୍ଟ ଖେଳାଳି କୁନ୍ଦ ମାଝି। ସେ ନିଜର ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ କଠିନ ପରିଶ୍ରମ କରି ଜିଲାସ୍ତରରୁ ଆରମ୍ଭକରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ବହୁ ପଦକ ଜିତିବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ଆଦିବାସୀ ପରିବାରରୁ ଆସିଥିବା କୁନ୍ଦ ବିଭିନ୍ନ କରାଟେ ପ୍ରତିଯୋଗିତାରେ ସଫଳତା ଆଣିବା ସହିତ ଜିଲାର ଅନ୍ୟ ଆଶାୟୀ ମାର୍ଶାଲ ଆର୍ଟ ଓ କରାଟେକାଙ୍କର ଆଦର୍ଶ ପାଲଟିଛନ୍ତି। ନିଜ କୋଚ ଯୋଗେଶ୍ୱର ବେହେରାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଅନ୍ତର୍ଜାତୀୟ କରାଟେକା ହୋଇପାରିଛନ୍ତି।

କୋରାପୁଟ ଜିଲା ଜୟପୁର ବ୍ଲକ ଜାମୁଣ୍ଡା ପଞ୍ଚାୟତ ତେଲିଆ ଗ୍ରାମରେ ମା' ବୃନ୍ଦା ଓ ବାପା ନୀଳକଣ୍ଠ ମାଝିଙ୍କ ସହ କୁନ୍ଦ ରହୁଛନ୍ତି। ୨୦୧୩ରୁ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ମାର୍ଶାଲ ଆର୍ଟ ଶିକ୍ଷା ଦେଉଥିବା ଯୋଗେଶ୍ୱର ବେହେରାଙ୍କଠାରୁ ତାଲିମ ନେବା ଆରମ୍ଭ କରିଥିଲେ। ୩ ବର୍ଷ ପରେ ଅର୍ଥାତ ୨୦୧୬ରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଆସୁଛନ୍ତି। ଇତିମଧ୍ୟରେ ସେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ସାରିଥିବା କୁନ୍ଦ କହିଛନ୍ତି।

୨୦୧୮ ଫେବୃଆରୀ ୨ରୁ ୪ ପର୍ଯ୍ୟନ୍ତ ବିଶାଖାପାଟଣା ରାଜୀବ ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨ୟ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ କୋରାପୁଟର ହନୁମାନ ସ୍କୋର୍ଟିଂ କ୍ଲବ ପକ୍ଷରୁ ଅଂଶଗ୍ରହଣ କରି କୁନ୍ଦ ଉଭୟ କାଟା ଓ କୁମିତେରେ ରୌପ୍ୟପଦକ ହାସଲ କରିଥିଲେ। ସେହିବର୍ଷ ଜମ୍ମୁ–କଶ୍ମୀରରେ ହୋଇଥିବା ଜାତୀୟ ସ୍କାଏ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଜିଲାରୁ ପ୍ରତିନିଧିତ୍ୱ କରି ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ରୌପ୍ୟ ପଦକ ପାଇଥିଲେ। ସେହିପରି ୨୦୨୩ରେ ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍କାଏ ମାର୍ଶାଲ ଆର୍ଟରେ ଉନ୍ନତ ପ୍ରଦର୍ଶନ କରି ବ୍ୟକ୍ତିଗତ ଭାବେ କାଟେଗୋରୀ–୩ରେ ଗୋଟିଏ ରୌପ୍ୟ ଓ କାଟେଗୋରୀ–୧ରେ ଗୋଟିଏ ବ୍ରୋଞ୍ଜପଦକ ଜିତି ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଥିଲେ। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ମନ୍ତ୍ରୀ ଦୁଷାରକାନ୍ତି ବେହେରା ୫ ଲକ୍ଷ ଟଙ୍କା (ରୌପ୍ୟପଦକ ପାଇଁ ୩ ଲକ୍ଷ ଓ ବ୍ରୋଞ୍ଜପଦକ ପାଇଁ ୨ ଲକ୍ଷ)ର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପରବ ୨୦୨୩ରେ ଜିଲା ପ୍ରଶାସନ ପକ୍ଷରୁ କୁନ୍ଦଙ୍କୁ 'ପରବ ସମ୍ମାନ' ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସେ ରାୟଗଡ଼ାର ଏକ ଘରୋଇ କଲେଜରେ ବି.ଟେକ ପଢୁଛନ୍ତି। ଘରର ବଡ଼ ଝିଅ ହୋଇଥିବାରୁ ସମସ୍ତ ଆର୍ଥିକ ବୋଝ ତାଙ୍କ ଉପରେ ପଡୁଥିବା ସତ୍ତ୍ୱେ ସେ ପଛକୁ ନ ହଟି ନିଜର ୨ ଭଉଣୀ ଓ ଗୋଟିଏ ଭାଇଙ୍କୁ କରାଟେ ଏବଂ ସ୍କାଏ ମାର୍ଶାଲ ଆର୍ଟରେ ତାଲିମ ଦେଉଛନ୍ତି।

କେବଳ ସେତିକି ନୁହେଁ ଜିଲାର ଜୟନ୍ତଗିରିଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ କୁନ୍ଦ ଛାତ୍ରୀମାନଙ୍କୁ କରାଟେ ଶିକ୍ଷା ପ୍ରଦାନ କରୁଛନ୍ତି। କରାଟେ ପ୍ରତିଯୋଗିତା ପାଇଁ ଆଶା ରଖିଥିବା ସମସ୍ତ ପିଲାଙ୍କୁ ଆଗକୁ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ଦିନରେ ସେ ଏସିଆନ୍ ଗେମ୍ସରେ କିପରି ଅଂଶଗ୍ରହଣ କରିପାରିବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ତାଙ୍କୁ ଆବଶ୍ୟକ ଅର୍ଥ ଓ ସୁବିଧା ମିଳିଲେ ସେ ଦେଶ ପାଇଁ ସଫଳତା ଆଣିପାରିବେ ବୋଲି ଧରିତ୍ରୀକୁ କହିଛନ୍ତି। କୁନ୍ଦ ତାଙ୍କର ସମସ୍ତ ସଫଳତାର ଶ୍ରେୟ କୋଚ ଯୋଗେଶ୍ୱରଙ୍କୁ ଦେଇଛନ୍ତି। ଏଥିସହ କୋରାପୁଟ ହନୁମାନ ସ୍କୋର୍ଟିଂ କ୍ଲବ ସମ୍ପାଦକ ଏକାଦଶୀ ବେହେରା, ରାଜ୍ୟ ସ୍କାଏ ମାର୍ଶାଲ ଆର୍ଟ ସଂଘ ସମ୍ପାଦକ ଏସ୍.କେ. ସଲାଉଦ୍ଦିନଙ୍କ ପ୍ରୋତ୍ସାହନକୁ କେବେ ଭୁଲିପାରିବି ନାହିଁ ବୋଲି କହିବା ସହ ତାଙ୍କୁ ସବୁବେଳେ ଉତ୍ସାହିତ କରି ଆସୁଥିବା ଧରିତ୍ରୀ ଖବରକାଗଜର ଅବଦାନ ଅଭୁଲା ରହିବ ବୋଲି ପ୍ରକାଶ କରିଛନ୍ତି।

–ଅମିତାଭ ବେହେରା
କୋରାପୁଟ

କୋରାପୁଟର ଅନ୍ତର୍ଜାତୀୟ କରାଟେକା କୁନ୍ଦ ମାଝି। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପଦକ ଜିତିବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ଆଦିବାସୀ ପରିବାରରୁ ଆସିଥିବା କୁନ୍ଦ ବିଭିନ୍ନ କରାଟେ ପ୍ରତିଯୋଗିତାରେ ସଫଳତା ଆଣିବା ସହିତ ଜିଲାର ଅନ୍ୟ ଆଶାୟୀ ମାର୍ଶାଲ ଆର୍ଟ ଓ କରାଟେକାଙ୍କର ଆଦର୍ଶ ପାଲଟିଛନ୍ତି।

ଟିପ୍ ସ୍ପିରିଟ୍

ଆଠ ବର୍ଷୀୟ ଭାରତୀୟ
ବଂଶୋଦ୍ଭବ
ଅଶ୍ୱଥ କୌଶିକ ଖେଳି
ପୋଲାଣ୍ଡ ଜାସେକ
ଷ୍ଟୋପାଙ୍କୁ ହରାଇ
ଖୁସିରେ ବଜାଏ ତାଳି
ଲିଓନିଡ ଜାଏ ଜଳି
ନିଜ ନାମେ ଥିବା ସେମ୍ ରେକର୍ଡକୁ
କୌଶିକ ଦେବାରୁ ଟାଳି।
ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା
ଅର୍ଜନରେ
ହିରୋ ବ୍ରାଜିଲ ବିଫଳ
କୋଡ଼ିଏ ବର୍ଷପରେ ଫାଷ୍ଟ
ଥରପାଇଁ
ନିରାଶ ମେଞ୍ଚୋସ ଦଳ
ଲୁସିଆନୋ ହେଲା କାଳ
ବ୍ରାଜିଲ ବ୍ରାସୋଙ୍କ
କ୍ରସ୍‌କୁ ହେଡ୍ କରି
ଗୋଲ ମାରି ମହାବଳ।
ଅଣ୍ଡର ନାଇଣ୍ଟିନ କ୍ରିକେଟ ୱାର୍ଲ୍ଡକପ୍
ଅଷ୍ଟ୍ରେଲିଆ ଚାମ୍ପିୟନ
ସିନିୟର ପରେ ଜୁନିୟର ଟିମ୍
ରଖିଲେ ଦେଶର ମାନ
ଚାନ୍ସ ମାରେ ସେଇ ଜନ
ଇଣ୍ଡିଭିଜୁଆଲ ଟିମ୍ ସ୍ପିରିଟ ଜମା
ବୃଥା ଯାଏ ନାହିଁ ଧନ।

–ସୁବାସ ଚନ୍ଦ୍ର ପ୍ରଧାନ

ପ୍ରଣତୀ, ମନ୍ନତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପ୍ରୋତ୍ସାହନ

ପ୍ରଣତିଙ୍କୁ ୫ ଲକ୍ଷ, ମନ୍ନତାଙ୍କୁ ୨ ଲକ୍ଷ

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ସ୍ତରରେ କୃତୀତ୍ୱ ହାସଲ କରିଥିବା ଓଡ଼ିଶାର ଦୁଇ ମହିଳା ଆଥଲେଟ୍ ପ୍ରଣତୀ ନାୟକ ଓ ମନ୍ନତା ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଏଏମ୍ଏନ୍ଏସ୍/ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ପ୍ରତିଭା ସମ୍ପନ୍ନ ଜିମ୍ନାଷ୍ଟ ପ୍ରଣତି ନାୟକ କାଏରୋରେ ଅନୁଷ୍ଠିତ ସମ୍ମାନଜନକ ଏଫ୍ଆଇଜି ୱାର୍ଲ୍ଡ କପ୍‌ରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଣତିଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ଆଇଆଇଏସ୍ ସୁଇମିଂ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ମନ୍ନତା ବିଆଇଏମ୍ଏସ୍‌ଟିଇସି ଆକ୍ୱାଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ୨ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ମାନିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସମସ୍ତ ସହାୟତା ଯୋଗାଇ ଦିଆଯିବାନେଇ ଆଶ୍ୱାସନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଇମିଂ ପ୍ରତିଭା ମନ୍ନତା ମିଶ୍ର ଓ ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି।

ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ଶାମି

ନୂଆଦିଲ୍ଲୀ,୨୨।୨

ଆଇପିଏଲ୍ ୨୦୨୪ ପୂର୍ବରୁ ଗୁଜରାଟ ଟାଇଟନ୍ସକୁ ଲାଗିଛି ବଡ ଝଟକା। ଦଳର ଷ୍ଟ୍ରାଇକ୍ ବୋଲର ମହମ୍ମଦ ଶାମି ଆଇପିଏଲ୍ ୨୦୨୪ରୁ ଓହରି ଯାଇଛନ୍ତି। ଦିନିକିଆ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଶାମି ବିଶ୍ୱକପ୍ ପରଠାରୁ ଭାରତ ପାଇଁ ଖେଳିନାହାନ୍ତି। ଶାମିଙ୍କ ବାମ ଗୋଡ଼ରେ ଆଘାତ ଲାଗିଥିବା ବେଳେ ସେ ଏଥିରୁ ସୁସ୍ଥ ହୋଇନାହାନ୍ତି। ସେ ଆସନ୍ତା ମାସରେ ବାମ ପାଦରେ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି। ଲଣ୍ଡନରେ ସେ ଅସ୍ତ୍ରୋପଚାର କରିବେ। ଦିନିକିଆ ବିଶ୍ୱକପ୍‌ରେ ଶାମି ଚମତ୍କାର ବୋଲିଂ କରି ୨୫ ଉଇକେଟ ନେଇଥିଲେ। ଏହା ପରଠାରୁ ସେ ଆକ୍ସନରୁ ଦୂରରେ ରହିଛନ୍ତି। ସେ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ବେଳେ ନିକଟରେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ୍ ପଡିଥିଲେ। ସେ ବାଦ୍ ପଡିବା ଗୁଜରାଟ ଫ୍ରାଞ୍ଚାଇଜ ପାଇଁ ବଡ଼ କ୍ଷତି ହୋଇଥିବା ବେଳେ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇନାହିଁ। ପୂର୍ବରୁ ଗୁଜରାଟ ଟାଇଟନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦଳ ଛାଡ଼ି ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଥିଲେ।

ବୁମ୍‌ରାଙ୍କ ଅନୁପସ୍ଥିତି ଭାରତ ପାଇଁ ଚ୍ୟାଲେଞ୍ଜ

ରାଞ୍ଚି,୨୨।୨(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଚତୁର୍ଥ ମ୍ୟାଚ୍ ରାଞ୍ଚିରେ ଖେଳାଯିବ। ଶୁକ୍ରବାର ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍ ପାଇଁ ଭାରତ ଏହାର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦେଇଛି। ଏହା ଭାରତ ପାଇଁ ଚ୍ୟାଲେଞ୍ଜିଂ ସ୍ଥିତି ସୃଷ୍ଟି କରିପାରେ। ଚଳିତ ସିରିଜ୍‌ରେ ବୁମ୍‌ରା ଭାରତ ପାଇଁ ଟ୍ରମ୍ପ କାର୍ଡ ରହିଛନ୍ତି। ୩ ଟେଷ୍ଟରେ ସେ ୧୭ ଉଇକେଟ ନେଇଥିବା ବେଳେ ଭାରତୀୟ ବୋଲରଙ୍କ ମଧ୍ୟରେ ସର୍ବାଧିକ ଉଇକେଟ ହାସଲକାରୀ ରହିଛନ୍ତି। ତେବେ ୱାର୍କଲୋଡ ମ୍ୟାନେଜମେଣ୍ଟ କାରଣରୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ୩ ମ୍ୟାଚ୍‌ରେ ବୁମ୍‌ରା ୮୨.୩ ଓଭର ବୋଲିଂ କରି ସାରିଛନ୍ତି। ତେବେ ତାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ପେସର ଇଂଲଣ୍ଡ ବ୍ୟାଟରଙ୍କ ଉପରେ ପ୍ରଭାବ ପକାଇବାରେ ଅସମର୍ଥ ହୋଇଥିବାରୁ ଏହା ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ରହିଛି। ମହମ୍ମଦ ସିରାଜ କେବଳ ରାଜକୋଟ ଟେଷ୍ଟର ପ୍ରଥମ ଇନିଂସରେ ପ୍ରଭାବଶାଳୀ ବୋଲିଂ କରିଥିବା ବେଳେ ମୁକେଶ କୁମାର ବିଶାଖାପାଟଣାରେ ଉଇକେଟ ଶୂନ୍ୟ ରହିଥିଲେ। ତେବେ ଭାରତୀୟ ସ୍ପିନର ଚଳିତ ସିରିଜରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଭାରତର ଟପ୍ ବୋଲର ରହିଥିବା ବେଳେ କୁଲଦୀପ ଯାଦବ ତୃତୀୟ ସ୍ପିନର ଭୂମିକାରେ ନଜର ଆସିଛନ୍ତି। ରାଞ୍ଚି ପିଚ୍‌ରେ ଭାରତ ତୃତୀୟ ସ୍ପିନର ଭାବରେ କାହାକୁ ଖେଳାଇବ ତାହା ସ୍ପଷ୍ଟ ହୋଇ ନାହିଁ। ଅକ୍ଷର ପଟେଲ ଓ କୁଲଦୀପଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ଅନ୍ୟପକ୍ଷରେ ମହମ୍ମଦ ସିରାଜ ଭାରତର ପ୍ରଥମ ପସନ୍ଦର ବୋଲର ରହିଥିବା ବେଳେ ଭାରତ ୧ ପେସର ଓ ୪ ସ୍ପିନର କମ୍ବିନେଶନ ସହ ଓହ୍ଲାଇପାରେ। ଏପରିକି ଯୁବ ବୋଲର ଆକାଶ ଦୀପଙ୍କୁ ମଧ୍ୟ ପଦାର୍ପଣର ସୁଯୋଗ ମିଳିପାରେ।

ଚତୁର୍ଥ ଟେଷ୍ଟ
ସ୍ଥାନ: ଜେଏସ୍‌ସି ଇଣ୍ଟରନ୍ୟାଶନାଲ କମ୍ପ୍ଲେକ୍ସ
ସମୟ: ପୂର୍ବାହ୍ନ ୯.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

ଅନ୍ୟପକ୍ଷରେ ଇଂଲଣ୍ଡ ଦଳ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ। ହାଇଦ୍ରାବାଦରେ ପ୍ରଥମ ମ୍ୟାଚ୍ ଜିତିବା ପରେ ପରବର୍ତ୍ତୀ ଦୁଇ ମ୍ୟାଚରେ ଦଳ ପରାଜିତ ହୋଇଛି। ରାଞ୍ଚିର ପରିବେଶ ସ୍ପିନକୁ ସୁହାଇବାର ସମ୍ଭାବନା ଥିବାରୁ ଅଫ୍ ସ୍ପିନର ଶୋଏବ ବଶିରଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିପାରେ ଭ୍ରମଣକାରୀ ଦଳ। ବାଜ୍ ବଲ୍ ଆଭିମୁଖ୍ୟକୁ ନେଇ ଇଂଲଣ୍ଡ ଦଳ ସମାଲୋଚନାର ଶିକାର ହେଉଥିଲେ ମଧ୍ୟ ଦଳ ଏହାର ରଣନୀତି ପରିବର୍ତ୍ତନ କରିବାର ସମ୍ଭାବନା କମ୍। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବୋଲିଂ ଅଭ୍ୟାସ କରିଥିବା ବେଳେ ସେ ରାଞ୍ଚିରେ ବୋଲିଂ କରିବାର ଆକଳନ କରାଯାଉଛି।

ଯୁବ ଆଥଲେଟଙ୍କୁ ସମ୍ମାନିତ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୨।୨ (ବିଜୟ ରଣା): କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ହକି, ରଗ୍‌ବୀ, କାୟାକିଂ ଓ କାନୋଇଂରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଯୁବ ଆଥଲେଟଙ୍କୁ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ କରିଛନ୍ତି। ଏହାଛଡ଼ା ନୂଆ 'ଓ' କାର୍ଯ୍ୟକ୍ରମର ଅଂଶବିଶେଷ ଡିଜିଟାଲ ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀଙ୍କ ବ୍ୟତୀତ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଏବଂ ବିଭାଗୀୟ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ପ୍ରଦାନ କରିବାକୁ ଯାଇ ୫୯ ଆଥଲେଟଙ୍କୁ ମୋଟ ୯,୦୦,୫୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାୟାକିଂ ଓ କାନୋଇଂ ଆଥଲେଟଙ୍କୁ ୭,୪୦,୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ଜାତୀୟ ୧୪ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଉଭୟ ବାଳିକା ଓ ବାଳକ ରୌପ୍ୟ ପଦକ ଲାଭ କରିଛନ୍ତି। ପ୍ରତ୍ୟେକ ଖେଳାଳି ୫,୦୦୦ ଟଙ୍କା ଲେଖାଏଁ ପାଇଛନ୍ତି। ସେହିପରି ଓଡ଼ିଶା ହକି ହାଇପରଫର୍ମାନ୍ସ ସେଣ୍ଟରର ୧୪ ବର୍ଷରୁ କମ୍ ଗ୍ରାସରୁଟ୍ ଟିମ୍ କେଟି ସିଂ ବାବୁ ବାଳକ ହକି ଟୁର୍ନାମେଣ୍ଟରେ ୨ୟ ରନର ଅପ୍ ହୋଇ ପାରିଛି। ସମସ୍ତ ୧୬ ଖେଳାଳିଙ୍କୁ ଜଣଙ୍କ ପିଛା ୨,୫୦୦ ଲେଖାଏଁ ପ୍ରଦାନ କରାଯାଇଛି। ରିଲ୍ ମେକିଙ୍ଗ, ଫଟୋଗ୍ରାଫି ଓଫିଲ୍ମ ମେକିଙ୍ଗ ଭଳି କାଟେଗୋରିରେ ୨୭ଜଣଙ୍କୁ ପୁରସ୍କୃତ କରାଯାଇଛି।

ଯୁବା ବାସ୍କେଟ୍‌ବଲ ଓପନରେ ୧୨ ଦଳ

ଭୁବନେଶ୍ୱର, ୨୨।୨
(ତପନ ସ୍ୱାଇଁ)

ସନ୍‌ସାଇନ୍ ଯୁବ ସଂଗଠନ ଆନୁକୂଲ୍ୟରେ ଯୁବା ଓପନ ବାସ୍କେଟବଲ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଇନ୍ଦିରା ପାର୍କର ବାସ୍କେଟବଲ କୋର୍ଟରେ ମ୍ୟାଚଗୁଡ଼ିକ ଖେଳାଯିବ। ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟ ବାହାରର ୬ଟି ଦଳ ଗତଥରର ଚାମ୍ପିୟନ ହାଇଦ୍ରାବାଦର ଡନ୍ ବସ୍କୋ, ଝାଡ଼ଖଣ୍ଡ, ଛତିଶଗଡ଼, ରାଞ୍ଚି, ଆନ୍ଧ୍ର ପ୍ରଦେଶ ଓ ଉଲ୍‌ଭ୍ସ ପ୍ୟାକ୍ ସାମିଲ। ଭାଗ ନେବାକୁ ଯାଉଥିବା ରାଜ୍ୟ ଦଳଗୁଡ଼ିକ ହେଲେ ରାଉରକେଲା, ଯୁବା ସଂଗଠନ, ସେଞ୍ଚୁରିଅନ, ପୁରୀ, ଯୁବା ସିନିୟର ଓ କିଟ୍। ୧୨ ଦଳକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇ ଲିଗ୍ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏହାପରେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଖେଳାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଅବସରରେ ସୌଭାଗ୍ୟ ଓଝା, ଜି.ଏମ୍. ଅଳକାନନ୍ଦ, କେ. ବିକେବ ଓ ଲଇଜାଲିନ ଜେନାଙ୍କୁ ସମ୍ମାନିତ କରାଯିବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୫,୦୦୦, ରନରଅପ୍‌କୁ ୧୫,୦୦୦ ଓ ତୃତୀୟ ସ୍ଥାନ ହାସଲ କରିବା ଦଳକୁ ୭,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଆୟୋଜକ ସଂଗଠନର ସଭାପତି ବିଶ୍ୱଜିତ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଟୁର୍ନାମେଣ୍ଟ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଆୟୋଜକଙ୍କ ଦ୍ୱାରା ପ୍ରତିଯୋଗିତାର ଟ୍ରଫି ଏବଂ ଜର୍ସି ଉନ୍ମୋଚନ ହୋଇଥିଲା। ଏହି ଅବସରରେ ସନ୍‌ସାଇନ୍ ଯୁବ ସଂଗଠନର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଆୟୋଜକମାନେ ଯୁବା ବାସ୍କେଟବଲ ଓପନର ଜର୍ସି ଉନ୍ମୋଚନ କରୁଛନ୍ତି।

ପାରାମାଉଣ୍ଟ, ଏମ୍‌ସିସି ବିଜୟୀ

ଭୁବନେଶ୍ୱର, ୨୨।୨
(ତପନ ସ୍ୱାଇଁ)

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଗୁରୁବାରଠାରୁ ୭ମ ନବଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଏମ୍‌ସିସି ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ପାରାମାଉଣ୍ଟ ୭ ଉଇକେଟରେ ୟୁନିୟନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୨୦ ଓଭରରେ ୬ ଉଇକେଟ ହରାଇ ୧୪୭ ରନ କରିଥିଲା। ଦଳ ପକ୍ଷରୁ ଲିଲାଧର ପ୍ରଧାନ ସର୍ବାଧିକ ୫୭ ରନକରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ମିନାଲ ପରିଡ଼ା ୪ ଉଇକେଟ ନେଇଥିଲେ। ପାରାମାଉଣ୍ଟ ୨୦ ଓଭରରେ ୩ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ଦେବାଶିଷ ସାମନ୍ତରାୟ ସର୍ବାଧିକ ୪୩ ରନକରି ଅପରାଜିତ ରହିଥିବାବେଳେ ସୁଦର୍ଶନ ସ୍ୱାଇଁ ୪୨ ଓ ବିଦ୍ୟାଧର ବେହେରା ୩୬ ରନ କରିଥିଲେ। ରଣଜୀ ଟ୍ରଫି ଖେଳାଳି ଅନୁରାଗ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ମିନାଲ ପରିଡ଼ାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଏମ୍‌ସିସି ଜ୍ୟୋତି ମର୍ଚ୍ଚସ୍‌କୁ ୫୮ ରନରେ ହରାଇ ଦେଇଥିଲା। ଏମ୍‌ସିସି ୨୦ ଓଭରରେ ୧୮୧ ରନକରି ଅଲ୍‌ଆଉଟ ହୋଇଥିଲା। ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୪୮ ରନ କରିଥିଲେ। ପ୍ରତିପକ୍ଷ ଦଳର ସୂର୍ଯ୍ୟ କୁମାର ଭୂତିଆ ୪ ଉଇକେଟ ପାଇଥିଲେ। ଜବାବରେ ଜ୍ୟୋତି ମର୍ଚ୍ଚସ ୧୫.୫ ଓଭରରେ ୧୨୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ରଶ୍ମି ରଞ୍ଜନ ସାହୁ ସର୍ବାଧିକ ୪୯ ରନ ସ୍କୋର କରିଥିଲେ। ଏମ୍‌ସିସିର ଜୀବନ ଜେନା ୩ଟି ଏବଂ ଉଦୟ ଜଟ ଓ ପ୍ରଣବ ଦୁବେ ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଜୀବନ କୁମାର ଜେନା ଅତିଥି ରଣଜୀ ତାରକା ଗୋବିନ୍ଦ ପୋଦ୍ଦାରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ମିନାଲ ପରିଡ଼ା ଓ ଜୀବନ କୁମାର ଜେନାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ମାର୍ଚ୍ଚ ୪ରୁ ମେଜର ସନ୍ଦୀପ ସ୍ମାରକୀ ଟେନିସ୍

■ ଓଡ଼ିଶାରେ ପ୍ରଥମଥର ୨.୫ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏଆଇଟିଏ ଟୁର୍ନାମେଣ୍ଟ
■ ଚାମ୍ପିୟନ ଓ ରନରଅପ୍‌କୁ ମିଳିବ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ

ଭୁବନେଶ୍ୱର, ୨୨।୨
(ତପନ ସ୍ୱାଇଁ)

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସହଯୋଗରେ ଗୁରୁକୁଳ ଟେନିସ ରିସର୍ଟ ଆନୁକୂଲ୍ୟରେ ସର୍ବଭାରତୀୟ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ (ପୁରୁଷ) ଚାମ୍ପିୟନଶିପ୍ ମାର୍ଚ୍ଚ ୪ରୁ ଆରମ୍ଭ ହେବାକୁ ଯାଉଛି। ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଏବଂ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୮ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥର ପ୍ରତିଯୋଗିତାର ପୁରସ୍କାର ରାଶିକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଓଡ଼ିଶାରେ ପ୍ରଥମଥର ପାଇଁ ୨.୫ ଲକ୍ଷ ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ଟୁର୍ନାମେଣ୍ଟ ହେବାକୁ ଯାଉଛି। ପୂର୍ବରୁ ଏହାର ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଥିଲା। ୨୦୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରଥମେ ରାଜ୍ୟସ୍ତରୀୟ ଥିଲା। ମାତ୍ର ଗତ ୩ ବର୍ଷ ଧରି ଗୁରୁକୁଳ ଟେନିସ ରିସର୍ଟ ଏହାକୁ ସର୍ବଭାରତୀୟ ସ୍ତରରେ ଆୟୋଜନ କରୁଛି। ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ମ୍ୟାଚଗୁଡ଼ିକ ଖେଳାଯିବ। ଚାମ୍ପିୟନ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ସହ ୩୦,୦୦୦ ଓ ରନରଅପ୍‌କୁ ୧୫,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ। ପ୍ରତିଯୋଗିତା ପାଇଁ ୧୨୫୦ ଟଙ୍କା ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଥିଲା ଏବଂ ଏପର୍ଯ୍ୟନ୍ତ ରାଜ୍ୟ ଓ ଜାତୀୟ ସ୍ତରର ୧୯୦ ଖେଳାଳି ନାମ ପଞ୍ଜୀକୃତ କରିସାରିଛନ୍ତି। ଦେଶର ଅନେକ ପ୍ରତିଷ୍ଠିତ ଖେଳାଳିଙ୍କୁ ଏହି ଟୁର୍ନାମେଣ୍ଟରେ ଦେଖିବାକୁ ମିଳିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ପୂର୍ବତନ ଏଟିପି ପ୍ରଫେଶନାଲ ତଥା ଗୁରୁକୁଳ ରିସର୍ଟର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ। ଏହି ଟୁର୍ନାମେଣ୍ଟ ପ୍ରତି ଓଟିଏର କିପରି ସହଯୋଗ ରହିଛି ଏବଂ ରାଜ୍ୟରେ ଟେନିସର ବିକାଶ ପାଇଁ କ'ଣ ସବୁ କରାଯାଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ ଓଡ଼ିଶା ଟେନିସ ଆସୋସିଏଶନ ଉପସଭାପତି ଶୁଭ୍ରାଂଶୁ ଷଡ଼ଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ଚେୟାରମ୍ୟାନ ପ୍ରତାପ କୁମାର ପ୍ରଧାନ, ସ୍ୱର୍ଗତ ମେଜର ସନ୍ଦୀପ ମହାପାତ୍ରଙ୍କ ବାପା ଜଗଦାନନ୍ଦ ମହାପାତ୍ର, ଭାଇ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଚାମ୍ପିୟନଶିପ୍‌ର ଟ୍ରଫି ଓ ଜର୍ସି ଉନ୍ମୋଚନ ଅବସରରେ କର୍ମକର୍ତ୍ତାମାନେ। (ଫଟୋ: ବିକାଶ ନାୟକ)

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ